# ବିପର୍ଯ୍ୟସ୍ତ ପରିମଳ, ଘାରୁଛି ଡେଙ୍ଗୁ ଭୟ



କଟକ ରୋଭର୍ସ ଷ୍ଟ୍ରିଟ୍ ମୁଖ୍ୟ ନାଳରେ ଜମିରହିଥିବା ଆବର୍ଜନା।



**କଟକରୁ ଚିହ୍ନଟ ହେଲେଣି ୭ ଡେଙ୍ଗୁ ରୋଗୀ**



"ବର୍ଷାରେ ସାହିର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଦୀର୍ଘଦିନ ଧରି ଅଳିଆ ଜମି ରହିବାରୁ ମଶାବଂଶ ବୃଦ୍ଧି ପାଉଛି। ଏ ସମ୍ପର୍କରେ ସିଏମ୍‌ସିକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନି। ଫଳରେ ଏବେ ଡେଙ୍ଗୁ ବ୍ୟାପୁଛି।

**-ମନୋଜ ସାହୁ, କାଠଗଡ଼ା ସାହି ବାସିନ୍ଦା**



"ଡେଙ୍ଗୁ ନିରାକରଣ ପାଇଁ ସିଏମ୍‌ସି କର୍ତ୍ତୃପକ୍ଷ କେବଳ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ଡେଙ୍ଗୁ ରୋକିବା ପାଇଁ ଯଦି ପଦକ୍ଷେପ ନେଇଥାନ୍ତେ, ତା'ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା।

**-ରଞ୍ଜନ କୁମାର ସାହୁ, ଖପୁରିଆ ଅଞ୍ଚଳବାସିନ୍ଦା**



"ପ୍ରତି ଶନିବାର ହଟ୍‌ସ୍ପଟ୍ ଚିହ୍ନଟ ଅଞ୍ଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ୫୯ଟି ୱାର୍ଡ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଫାର୍ମାସିଷ୍ଟଙ୍କୁ ମଧ ନିୟୋଜିତ କରାଯାଇଛି। ସେମାନେ ଘର ଘର ବୁଲି ଲୋକଙ୍କୁ ପରିବେଶ ପରିଷ୍କାର ରଖିବା ପାଇଁ ସଚେତନ କରିବେ। ଆଗାମୀଦିନରେ ପ୍ରତ୍ୟେକ ୱାର୍ଡରେ ଡେଙ୍ଗୁ ଲକ୍ଷଣ ଥିବା ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯିବ। ଏନେଇ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ଦାୟିତ୍ୱ ଦିଆଯିବ। ସହରର ବୁଦାସ୍ଥାନକୁ ସଫା କରିବା, ଲଟା କାଟିବା ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

**-ସତ୍ୟବ୍ରତ ମହାପାତ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ**

**କଟକ ଅଫିସ,୫।୮**

କଟକ ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଇତିମଧ୍ୟରେ ସହରରୁ ୭ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଏବେ ସହରବାସୀଙ୍କୁ ଡେଙ୍ଗୁ ଭୟ ଘାରିଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ବିଭିନ୍ନ ୱାର୍ଡର ନାଳ ସଫା କରାଯାଉନାହିଁ। ଅସରାଏ ବର୍ଷା ହେଲେ ପାଣି ନିଷ୍କାସନରେ ସମସ୍ୟା ହେଉଛି। ୭ ଦିନରୁ ଅଧିକ ସମୟ ପାଣି ଜମି ରହିବା ଫଳରେ ସେଠାରେ ଏଡିସ୍ ମଶା ବଂଶ ବିସ୍ତାର କରୁଛି। ସହରର ଅନେକ ସ୍ଥାନ ସଫା ନ ହେବା ଫଳରେ ଲଟା ମାଡିଗଲାଣି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ତିନିକୋଣିଆ ବଗିଚା ଛକ ଓ



ସିଏମ୍‌ସି ଗ୍ୟାରେଜ ପରିସରସ୍ଥ ପରିତ୍ୟକ୍ତ କୁଣ୍ଡରେ ଦୂଷିତ ଜଳ।

ଗୌରୀଶଙ୍କର ପାର୍କ ପରିସରରେ ଥିବା ୱାଟର ଫାଉଣ୍ଟେନ ଅଚଳ ହୋଇପଡିଛି। ଦୀର୍ଘଦିନ ହେବ ସେଥିରେ ଦୂଷିତ ଜଳ ସହ ଦଳ ଭର୍ତ୍ତି ହୋଇ ରହିଥିବାରୁ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ସହରର କୁମ୍ଭାରସାହି, କାଠଗଡା ସାହି, ଝୋଲାସାହି, ଯୋବ୍ରା, ମେଡିକାଲ ରୋଡ୍, ଜଗତ୍‌ପୁର ଓ ଖପୁରିଆ ଶିଳ୍ପାଞ୍ଚଳକୁ ଡେଙ୍ଗୁ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ୱାର୍ଡଗୁଡିକରେ ମଶାଧୂଆଁ ସ୍ପ୍ରେ ଓ ମଶାତେଲ ପକାଇବା କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ସ୍ଥାନ ସଫା ରଖିବା ପାଇଁ ସିଏମ୍‌ସିର ୪୦ ଜଣ କର୍ମଚାରୀ ଏବଂ ଦୁଇଟି ଘରୋଇ ସଂସ୍ଥାର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଡେଙ୍ଗୁ ରୋକିବା ପାଇଁ ବିଭିନ୍ନ ସ୍ଥାନରୁ ନଷ୍ଟ ହୋଇଥିବା ଟାୟାର, ପଲିଥିନ୍ ଜରି, ପ୍ଲାଷ୍ଟିକ ସାମଗ୍ରୀକୁ ଗାଡିରେ ନିଆଯାଇ ସତୀଚଉରାଠାରେ ଥିବା ଅଳିଆଗଦାରେ ପକାଯାଉଛି। ଡେଙ୍ଗୁ ମୁକାବିଲା ପାଇଁ ସିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ଏହାଦ୍ୱାରା କେତେ ମାତ୍ରାରେ ଡେଙ୍ଗୁ ରୋକାଯାଇପାରିବ ତାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଦୀପକ



@ ବିପ୍ର



@ ଉମାକାନ୍ତ



@ ପ୍ରିୟା



@ ସାଇଲେନ



@ ଅନୁ



@ ଗୀତାଞ୍ଜଳି

## ସଂକ୍ଷେପରେ

### ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

**ଟାଙ୍ଗୀ, (କଟକ)୫।୮(ଡି.ଏନ.ଏ.):** ପାଣିରେ ବୁଡି ଟାଙ୍ଗୀ ଥାନା ମଣିଆ ଗ୍ରାମର ଆଦିବାସୀ ଯୁବକ ଅଶୋକ ଦେହୁରୀଙ୍କ ମୃତ୍ୟୁ ଘଟିଛି। ବୁଧବାର ସେ ନିକଟସ୍ଥ ପଥର ଛଇକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ଏହାଦେଖି ଚୌଦ୍ୱାର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଅଶୋକଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ଫୁଲନଖରା,୫।୮(ଡି.ଏନ.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ମହୀଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ସୁଭାଷ ଚନ୍ଦ୍ର ଗୋଚ୍ଛାୟତ ଯୋଗଦେଇ କରୋନା ମହାମାରୀ ସମୟରେ ମହିଳାମାନେ ନିଜକୁ ସୁରକ୍ଷିତ ରଖି ପିଲାଙ୍କୁ ସ୍ତନ୍ୟପାନ କରାଇବା ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ସନାତନ ବେହେରା, ସୁପରଭାଇଜର ବିଦ୍ୟୁତ୍ କୁମାର ପୃଷ୍ଟି, କଳ୍ପନା ଗୁରୁ , ସୁଶାନ୍ତ କୁମାର ମଉଗଜସିଂଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଓ ଗର୍ଭବତୀମାନେ ଉପସ୍ଥିତ ଥିଲେ।

### ଗାଧୋଉଥିବା ମହିଳାଙ୍କ ଭିଡିଓ ରେକର୍ଡିଂ ଅଭିଯୋଗ: ଏସି ମିସ୍ତ୍ରି ଗିରଫ

**ସାଲେପୁର, ୫।୮(ଡି.ଏନ୍.ଏ.):** ହୋଟେଲ୍ ବାଥ୍ ରୁମ୍‌ରେ ଗାଧୋଉଥିବାବେଳେ ଜଣେ ମହିଳାଙ୍କ ଭିଡିଓ ମୋବାଇଲ୍‌ରେ ରେକର୍ଡିଂ କରିବା ଅଭିଯୋଗରେ ସାଲେପୁର ପୋଲିସ ଜଣେ ଏସି ମିସ୍ତ୍ରିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ କୁସନ୍ଧୀ ଗ୍ରାମର ଏ.ସି. ମିସ୍ତ୍ରି କିଶୋର କୁମାର ନାୟକ। ପୋଲିସ ସୂତ୍ରରୁ ପ୍ରକାଶ, ସାଲେପୁର ଥାନା ଅନ୍ତର୍ଗତ ଡାକପୋଲ ନିକଟରେ ଥିବା ଏକ ହୋଟେଲ ବାଥ୍‌ରୁମ୍‌ରେ ବୁଧବାର ରାତି ପ୍ରାୟ ୧୦ଟା୩୦ରେ ଜଣେ ମହିଳା ଗାଧୋଉଥିଲେ। ଏହି ସମୟରେ ହୋଟେଲ୍ ପାଖରେ ଥିବା ଅନ୍ୟ ଏକ ବିଲ୍ଡିଂରେ ଏସି ମରାମତି ଦୋକାନ କରିଥିବା କିଶୋର କୌଶଳ କ୍ରମେ ବାଥ୍‌ରୁମ୍ ସ୍କାଏଲାଇଟ୍ ପାଖରେ ନିଜ ମୋବାଇଲ୍‌କୁ ରେକର୍ଡିଂ ମୋଡରେ ରଖି ପଳାଇଯାଇଥିଲେ। ମହିଳା ଜଣକ ଏହାଦେଖି ମୋବାଇଲ୍‌କୁ ଧରି ସାଲେପୁର ପୋଲିସକୁ ଖବର ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ କିଶୋରଙ୍କୁ ଗିରଫ କରିବା ସହ ମାମଲା (ନଂ. ୧୭୫/୨୧)ରୁଜୁ କରିଛି।



କଟକ କାଠଗଡ଼ା ସାହି ଅଞ୍ଚଳରେ ଶିଳ୍ପୀ ଶ୍ରୀକାନ୍ତ ରଣାଙ୍କ ଦ୍ୱାରା ମହମରେ ପ୍ରସ୍ତୁତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି।

## ବୁଲା ଜୀବଜନ୍ତୁଙ୍କ ସେବାକରି ଶ୍ରୁତି ସମ୍ମାନିତ

**ଭୁବନେଶ୍ୱର, ୫।୮(ବ୍ୟୁରୋ)**

ଦୀର୍ଘଦିନ ଧରି ବୁଲା କୁକୁର ଓ ଜୀବଜନ୍ତୁଙ୍କ ସେବାଯତ୍ନ ସହ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିବା ଏକ ଘରୋଇ ସ୍କୁଲର ଛାତ୍ରୀ ଶ୍ରୁତି କରଙ୍କୁ ଚଳିତବର୍ଷର ରାଜ୍ୟସ୍ତରୀୟ ଶ୍ରୀସେବା ସମ୍ମାନରେ ସମ୍ମାନିତ କରାଯାଇଛି। ସାମାଜିକ ଅନୁଷ୍ଠାନ ହେଲ୍ପ ମେଟ୍ ପକ୍ଷରୁ ତାଙ୍କୁ ବୁଧବାର ଏହି ସମ୍ମାନ ସହ ମାନପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଗତ ୨ ବର୍ଷରୁ ଅଧିକ ସମୟ ଧରି ସେ ଅନେକ ବୁଲା ଜୀବଜନ୍ତୁଙ୍କ ସେବା ଯତ୍ନ କରିବା ସହ ନିଜର ପୋଷା ଜନ୍ତୁଙ୍କ ଭଳି ରଖିଥିଲେ। ଗତ ମାସରେ ସେ ଅନ୍‌ଲାଇନରେ ବୁଲା କୁକୁରଙ୍କ ପ୍ରତି ହେଉଥିବା ଆକ୍ରମଣ ବିରୋଧରେ ଏକ ଅଭିଯାନ ଚଳାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ପୋଲିସ ମଧ ତାଙ୍କୁ ଏ ଦିଗରେ ସହଯୋଗର ହାତ ବଢ଼ାଇଥିଲା। ଏତେ କମ୍ ବୟସରେ ବୁଲା କୁକୁର ଓ ନିଷ୍ପେଷିତ ଜୀବଜନ୍ତୁଙ୍କ ପ୍ରତି ତାଙ୍କର ଦୁର୍ବଳତା ଓ ଭଲପାଇବାକୁ ସମ୍ମାନ ଜଣାଇ ତଥା ଏହା ଅନ୍ୟ ପିଲାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଦର୍ଶାଇ ହେଲ୍ପ ମେଟ୍ ଅନୁଷ୍ଠାନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଦେଶୀ ମଦ ଜବତ: ୩୫୦୦ଲିଟର ପୋଚ ନଷ୍ଟ

**ଆଠଗଡ଼,୫।୮(ସ୍ୱ.ପ୍ର.)**

କଟକ ଭ୍ରାମ୍ୟମାଣ ଅବକାରୀ ଦଳ ଓ କଟକ ଅବକାରୀ ବିଭାଗ ତରଫରୁ ଗୁରୁବାର ଖୁଣ୍ଟୁଣୀ ଥାନା ବାଲୁଆ ସଂରକ୍ଷିତ ଜଙ୍ଗଲ ସମ୍ବରବାଟିଆ ଅଞ୍ଚଳରେ ଚଢାଉ କରାଯାଇଛି। ଏହି ସମୟରେ ଉକ୍ତ ସ୍ଥାନରୁ ୧୧୦ ଲିଟର ଦେଶୀ ମଦ ଜବତ କରାଯିବା ସହ ୩୫୦୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ କଟକ ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ, ସଞ୍ଜିତ ବାର୍ଲା, ହାରୁନ ହବିବ୍ ଓ ଆଠଗଡର ଅବକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।

## ମୋବାଇଲ ଚୋରି ଅଭିଯୋଗ:୨ କୋର୍ଟ ଚାଲାଣ

**ଆଠଗଡ଼,୫।୮(ସ୍ୱ.ପ୍ର.)**

ମୋବାଇଲ ଚୋରି କରିବା ଅଭିଯୋଗରେ ଆଠଗଡ଼ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ଗୋପୀନାଥପୁରର ଦେବୁନା ଦଳାଇ ଓ ତରଡିଙ୍ଗ ଗ୍ରାମର ସୁମନ ନାଏକ। ଏହି ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ଅଶ୍ୱିନୀ ମହାପାତ୍ରଙ୍କ ଘରୁ ୫ ମେ'ରେ ୨ଟି ମୋବାଇଲ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୧୧୭/୨୧) ରୁଜୁ ହୋଇଥିଲା।

## ସମାଜ ସଂସ୍କାରରେ ନୀଳକଣ୍ଠଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ ଅଫିସ/ଭୁବନେଶ୍ୱର, ୫।୮ (ବ୍ୟୁରୋ)**

ରାଜ୍ୟର ଶିକ୍ଷା, ସାହିତ୍ୟ, ରାଜନୀତି ଓ ସମାଜ ସଂସ୍କାର କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟାଳୟରେ ଅନୁଷ୍ଠିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଉତ୍ସବରେ ସଙ୍ଗଠନ ସଭାପତି ତରୁଣ କୁମାର ସାହୁ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଡ. ସୁନାମଣି ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ତପନ ସ୍ୱାଇଁ, ଗଜେନ୍ଦ୍ର ପାଣି, ଅଜୟ କୁମାର ମହାନ୍ତି ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଉତ୍କଳ ପୂଜନ ପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ପଣ୍ଡିତ ନୀଳକଣ୍ଠ ଦାସ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ ହୋଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି

**ଭାରତୀୟ ହକି ଦଳକୁ ଅଭିନନ୍ଦନ**

ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସ ଅବସରରେ ସମ୍ମିଳନୀ ପକ୍ଷରୁ ଗୁରୁବାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ପଣ୍ଡିତ ନୀଳକଣ୍ଠଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ୪୧ ବର୍ଷ ପରେ ଟୋକିଓ ଅଲିମ୍ପିକ୍‌ରେ ପଦକ ପାଇଥିବା ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମିଳନୀ ଉପଦେଷ୍ଟା ନିରଞ୍ଜନ ଦାଶ ଓ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ବରପୁତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ ଓ ସମରରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଅଭିଯୁକ୍ତଙ୍କୁ ଜେରା

**ପୋଖରୀ ପୁନରୁଦ୍ଧାର ନାମରେ ଅର୍ଥ ଆତ୍ମସାତ୍ ଘଟଣା**

**ମାହାଙ୍ଗା, ୫।୮(ସ୍ୱ.ପ୍ର.)**

ମାହାଙ୍ଗା ଥାନା ପୋଡାମରାଇ ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁପୁର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ପୁନରୁଦ୍ଧାର ନାମରେ ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦୁର୍ନୀତି ହୋଇଥିବା ଦର୍ଶାଯାଇଥିଲା। ଏହି ଘଟଣାରେ ପୋଲିସ ମାହାଙ୍ଗା ବ୍ଲକର ଜଣେ ଜିଆରଏସ୍‌ଙ୍କୁ ଉଠାଇ ନେଇ ପଚରାଉଚୁରା କରୁଛି। ଗୁରୁବାର ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ ପୋଲସ ବ୍ଲକ କାର୍ଯ୍ୟାଳୟକୁ ଆଣି ବିଡିଓଙ୍କ କକ୍ଷରେ ଜେରା କରିଛି। ଏହି ଜେରା ସମୟରେ ବିଡିଓ ନିହାର ରଞ୍ଜନ ମଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ ପରିଡା, ତତ୍କାଳୀନ ପିଇଓ ମହମ୍ମଦ ହୁସେନ, ତତ୍କାଳୀନ ସହକାରୀ ଯନ୍ତ୍ରୀ ସୁବାସ ଜେନା ,ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ସିଂଙ୍କ ସମେତ ଏମ୍‌ଜିଏନ୍‌ଆରଇଜିଏସ୍ ବିଭାଗର ସମସ୍ତ ବ୍ଲକ ଅଧିକାରୀଙ୍କୁ ଡକାଇ କାଗଜପତ୍ର ଯାଞ୍ଚ କରିବା ସମେତ ମୌଖିକ ତଦନ୍ତ କରିଛି। ଏ ସମ୍ପର୍କରେ ଆଇଆଇସି ନିହାର ରଞ୍ଜନ ମହାନ୍ତି କହିଛନ୍ତି, ତଦନ୍ତ ଚାଲିଛି। ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହନୁମାନ ମନ୍ଦିର ଭାଙ୍ଗିବା ନିଷ୍ପତ୍ତିକୁ ବିରୋଧ

**କଟକ ସଦର, ୫।୮ (ଡି.ଏନ.ଏ.)**

କିଶନନଗର ତହସିଲ ଅନ୍ତର୍ଗତ ରତିଲୋ ଗ୍ରାମର ପଞ୍ଚମୁଖୀ ହନୁମାନ ମନ୍ଦିରକୁ ଶୁକ୍ରବାର ଭଙ୍ଗାଯିବା ପାଇଁ କଟକ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। କାରଣ ଉକ୍ତ ମନ୍ଦିର ରାଜସ୍ୱ ବିଭାଗ ଆବାଦଯୋଗ୍ୟ ପତିତ ଜମିରେ ସରକାରଙ୍କ ବିନାନୁମତିରେ ନିର୍ମାଣ କରାଯାଇଛି। ତେଣୁ ଏହାକୁ ଭାଙ୍ଗିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଥା ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ଭଙ୍ଗା ନିଷ୍ପତ୍ତିକୁ ବିରୋଧ କରି ତ୍ରୈଲୋକ୍ୟନାଥ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକମାନେ ଗୁରୁବାର କିଶନନଗର ତହସିଲଦାର ସୁଚେତା ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

ଟ୍ରିବ୍ୟୁନାଲ ରାୟ ବିରୋଧରେ ସୁପ୍ରିମ କୋର୍ଟରେ ଅପିଲ କରାଯାଇଥିବାରୁ ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ଭାଙ୍ଗିବା କାର୍ଯ୍ୟକ୍ରମକୁ ବନ୍ଦ ରଖିବା ପାଇଁ ସ୍ମାରକପତ୍ରରେ ତହସିଲଦାରଙ୍କୁ ନିବେଦନ କରାଯାଇଛି। ମାତ୍ର ତହସିଲଦାର ଏହା ଉପରେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ଏବେସୁଦ୍ଧା ସରକାରୀ ଜାଗାରେ ନିର୍ମିତ ଅନେକ ଧାର୍ମିକ ସ୍ଥଳୀର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ତେଣୁ ତହସିଲ ଓ ଜିଲା ପ୍ରଶାସନ ଏହା ଉପରେ ନିଷ୍ପତ୍ତି ନେବା ପାଇଁ କିଶନନଗର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଆଜି କ'ଣ କେଉଁଠି

**ବାଲିଅନ୍ତା**
- ଚାରାରୋପଣ କାର୍ଯ୍ୟକ୍ରମ, ଆଚାର୍ଯ୍ୟ ହରିହର ଉଚ୍ଚ ବିଦ୍ୟାଳୟ ପରିସର, ବେଣ୍ଟପୁର, ପୂର୍ବାହ୍ନ ୧୦ଟା ୩୦।

**କଟକ**
- ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୧ଟା।

# ମା' ବାପାଙ୍କ ସାହିତ୍ୟ ନିଷ୍ଠା ପ୍ରେରଣା ଦେଇଛି


ପାରମିତା ଶତପଥୀ

**ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ପରିଚୟ ପାରମିତା ଶତପଥୀ। ଓଡ଼ିଆ ଗଳ୍ପ, ଉପନ୍ୟାସରେ ଜଣେ ପରିଚିତ ଚେହେରା। ସାହିତ୍ୟିକଙ୍କ ପରିବାରରେ ଜନ୍ମ ନେଇଥିବା ପାରମିତାଙ୍କର ପିଲାଟିବେଳୁ ସାହିତ୍ୟ ପ୍ରତି ଅନୁରାଗ ବଢିଥିଲା। ଏହା ମଧ୍ୟରେ ସେ ଏକାଧିକ ଗଳ୍ପ, ଉପନ୍ୟାସ ରଚନା କରି ସାରିଛନ୍ତି। ଆୟକର ବିଭାଗର କମିଶନର ଭାବେ କାର୍ଯ୍ୟ ସମ୍ପାଦନା କରିବା ସହ ଓଡ଼ିଆ ସାହିତ୍ୟକୁ ମଧ୍ୟ ଋଦ୍ଧିମନ୍ତ କରି ପାରିଛନ୍ତି। ଚଳିତବର୍ଷ ତାଙ୍କ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ସେ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଧରିତ୍ରୀ ପକ୍ଷରୁ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର।**

**➤ଶାରଳା ପୁରସ୍କାର ପାଇବେ, କିପରି ଲାଗୁଛି?**

– ପୁରସ୍କାର ପାଇବି ବୋଲି ଜାଣିବା ପରେ ବହୁତ ଖୁସି ଲାଗୁଛି। ଯେ କୌଣସି ଲେଖକଙ୍କ ପାଇଁ ସାହିତ୍ୟିକ ସ୍ୱୀକୃତି ଭାବରେ ପୁରସ୍କାର ସାମୟିକ ଆନନ୍ଦ ଦେଇଥାଏ। ଜଣେ ଲେଖକ ନିଜେ ଏକୁଟିଆ ବାଟ ଚାଲିଥାଏ। ପୁରସ୍କାର ପାଉଥିବା କଥା ଶୁଣିବା ପରେ ଯେତେବେଳେ ସାଙ୍ଗସାଥୀମାନେ ମନେପକାନ୍ତି, ସେତେବେଳର ଅନୁଭୂତି ନିଶ୍ଚିତ ନିଆରା ହୋଇଥାଏ, ଆନନ୍ଦ ଆଣିଦିଏ।

**➤ଆପଣଙ୍କ ଲେଖା କିପରି ନିଆରା?**

– ବାପା ଜଣେ ସାହିତ୍ୟିକ, ସମାଲୋଚକ ଓ ମା' ଖ୍ୟାତନାମା କବି। ମୁଁ ଗଳ୍ପ ଓ ଉପନ୍ୟାସ ଲେଖେ। ତେଣୁ ଆମେ ତିନିଜଣ ତିନି ପ୍ରକାର ଲେଖୁ। ସାହିତ୍ୟ ଏକ ସ୍ରୋତ। ତେଣୁ ଏଥିରେ ପୃଥକ କିଛି ନାହିଁ। ନିଜ ନିଜ ବାଟରେ ଆମେ ନିଜ କଥା ଲେଖୁ। ତେବେ ବହୁତ ଜଣ ମୋତେ କୁହନ୍ତି ଯେ, ମୁଁ ମୋ ମା' ବାପାଙ୍କର ସାହିତ୍ୟିକ ଗୁଣ ଉତ୍ତରାଧିକାରୀ ଭାବେ ଗ୍ରହଣ କରିଛି। ଉତ୍ତରାଧିକାର ସୂତ୍ରରେ ଏହା ମତେ ମିଳିଛି କି ନାହିଁ ଜାଣିନି। ମାତ୍ର ସେମାନଙ୍କର ସାହିତ୍ୟିକ ନିଷ୍ଠତା ମୋତେ ସାହିତ୍ୟ ପ୍ରତି ପ୍ରେରିତ କରିଛି। ମୁଁ ସେମାନଙ୍କ ପାଖରେ ଏଥିପାଇଁ କୃତଜ୍ଞ।

**➤ଗଳ୍ପ ଓ ଉପନ୍ୟାସ, କେଉଁଥିରେ ଅଧିକ ସନ୍ତୁଷ୍ଟ?**

– ଯେଉଁ ଭାବ ମତେ ତୀକ୍ଷ୍ଣ ଭାବେ ଆସେ ବା ଏକ ଛୋଟ କଥାକୁ ବଢାଇ ତାକୁ ଏକ କଳେବର ଦେବାକୁ ପଡେ ତାହାକୁ ମୁଁ ଗଳ୍ପରେ ଲେଖେ। ଏହା ଭିତରେ ମୁଁ ୩ଟି ଉପନ୍ୟାସ ଲେଖିଛି। ଏହା ମତେ ଅଧିକ ସନ୍ତୁଷ୍ଟି ପ୍ରଦାନ କରିଛି। କାରଣ ଉପନ୍ୟାସରେ ୨ରୁ ୩ ବର୍ଷ ତା' ଭିତରେ ବୁଡିକି ରହିବାକୁ ପଡେ। କିନ୍ତୁ ଉଭୟ ମୋତେ ଶାନ୍ତି ଦେଇଥାଏ। ନ ଲେଖି ପାରିଲେ ମନ କଷ୍ଟ ହୁଏ।

**➤ଆପଣଙ୍କ ସୃଷ୍ଟିରେ କେଉଁଭଳି ଘଟଣାକୁ ପ୍ରାଧାନ୍ୟ ଦିଅନ୍ତି?**

– ମୋ ଲେଖାରେ ସେପରି କିଛି ବିଶେଷତ୍ୱ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ପ୍ରାଧାନ୍ୟ ଦିଏ ନାହିଁ। ଏହା ଭିତରେ ପ୍ରାୟ ୨ଶହ ଗଳ୍ପ ଲେଖି ସାରିଲିଣି। ବିଭିନ୍ନ ଘଟଣା, ଅନୁଭବ, କଥା ବା ଉପଲବ୍ଧିକୁ ପ୍ରକାଶ କରିବାକୁ ଯେତେବେଳେ ଯାହା ଠିକ୍ ଲାଗେ ତାହାକୁ ନେଇ ଲେଖେ।

**➤ନୂତନ ଲେଖକଙ୍କ ପାଇଁ କ'ଣ ପରାମର୍ଶ ରହିବ?**

– ଏବେ ବହୁତ ନୂଆ ନୂଆ ପିଲା ଲେଖାଲେଖି କରୁଛନ୍ତି। ଏହା ବହୁତ ଭଲ କଥା। ଆମ ଭିତରେ ଭାବପ୍ରବଣତା ଆସିଲେ ଆମେ ଲେଖୁ। ନୂତନ ପିଢି ଏହି ଭାବକୁ ନେଇ ଲେଖାଲେଖି କରନ୍ତୁ। କେତେଜଣଙ୍କ ଲେଖା ମୁଁ ପଢିଛି। ସେମାନେ ବହୁତ ଭଲ ଲେଖୁଛନ୍ତି। ଏହା ଏକ ସାଧନାର ଖୁବ୍ ଲମ୍ବା ପଥ। ତେଣୁ ସାଧନାକୁ ଧାରଣ କରି ଲେଖାଲେଖି କରନ୍ତୁ।

**➤କର୍ତ୍ତବ୍ୟ ଓ ସାହିତ୍ୟ–କେମିତି ସମନ୍ୱୟ ରକ୍ଷା କରନ୍ତି?**

– ମୋ ପାଇଁ ଏହା ବହୁତ ପୁରୁଣା କଥା। ମୋତେ ଦୁଇ ପ୍ରକାର ଜୀବନ ବଞ୍ଚିବାକୁ ପଡିଥାଏ। ଚାକିରି ଆଗରୁ ବି ଲେଖାଲେଖି କରୁଥିଲି। ଏହା ଭିତରେ ଚାକିରିକୁ ୩୩ବର୍ଷ ହୋଇ ଗଲାଣି ଓ ସାହିତ୍ୟରେ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ସାହିତ୍ୟ ପ୍ରତି ଭଲପାଇବା ରହିଥିବାରୁ ସମୟଠାରୁ ସମୟ ମାଗିବାକୁ ପଡେ। ସାହିତ୍ୟକୁ ଛାଡି ପାରିବି ନାହିଁ ବୋଲି ଟିକେ ଅଧିକ କଷ୍ଟ କରିବାକୁ ପଡେ।

**➤ଜଣେ ଅଫିସର ନା ସାହିତ୍ୟିକ କେଉଁଥିରେ ପରିଚିତ ହେବାକୁ ଭଲଲାଗେ?**

– ସାହିତ୍ୟ ପ୍ରତି ମୋର ଭଲ ପାଇବା ରହିଛି। ଏହା ସହ ମୋ କାମକୁ ନେଇ ମୁଁ ଖୁବ୍ ଯତ୍ନଶୀଳ। ତେବେ ଲୋକମାନେ ସାହିତ୍ୟିକ ଭାବେ ମତେ ବେଶି ଚିହ୍ନନ୍ତି। ଜଣେ ଅଫିସର ଭାବେ କେବେ ନିଜକୁ ଭାବିନି। ଲୋକମାନେ ମୋତେ ଯେଉଁଥିରେ ପସନ୍ଦ କରିବେ ମୁଁ ସେଥିରେ ସେମାନଙ୍କ ପାଖରେ ରହିବି।

–ସାକ୍ଷାତ୍କାର: ବନ୍ଦନା ସେଠୀ

## ସୀମା ବିବାଦ: ୩ ଘଣ୍ଟା ପରେ ମୃତଦେହ ଜବତ

ବାରଙ୍ଗ,୫।୮(ଡି.ଏନ୍.ଏ.)

ବାରଙ୍ଗ ରେଳ ଷ୍ଟେଶନ ଅପରପାର୍ଶ୍ୱ ଦାଢା ପଞ୍ଚାୟତର ୧ନଂ ୱାର୍ଡର ରେଳଧାରଣା କଡ଼ରେ ଥିବା ଏକ ହ୍ରଦରେ ପଡ଼ିଥିବା ଜଣେ ଯୁବକଙ୍କର ମୃତଦେହକୁ ଗୁରୁବାର ନନ୍ଦନକାନନ ଥାନା ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପାଖରୁ ଲିଖିତ କାଗଜକୁ ପୋଲିସ ଜବତ କରିବା ପରେ ସେ ଚନ୍ଦକା ସିମିଳିପାଟଣାର ବୋଲି ଜଣାପଡ଼ିଛି। ହେଲେ ମୃତଦେହ ପଡ଼ିଥିବା ସ୍ଥାନଟି ସୀମା ବିବାଦ ଯୋଗୁ ପୋଲିସ ପ୍ରାୟ ୩ ଘଣ୍ଟା ପରେ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନ ୫ଟାରେ ସ୍ଥାନୀୟ ଗ୍ରାମର ୪ଜଣ ଯୁବକ ରେଳଲାଇନ କଡ଼ ରାସ୍ତାରେ ଯାଉଥିବାବେଳେ ହ୍ରଦରୁ ପାଚିଶୁଣି ପାଖକୁ ଯିବାପରେ ଜଣେ ଯୁବକ ପାଣି ଭିତରେ ପଡ଼ିଥିବା ଦେଖିଥିଲେ। ଯୁବକମାନେ ପାଣିଭିତରୁ ତାଙ୍କୁ ଉଦ୍ଧାର କରିବା ସହ ୧୦୮ଆମ୍ବୁଲାନ୍ସ ସହ ବାରଙ୍ଗ ଥାନାକୁ ଖବର ଦେଇଥିଲେ। ପୋଲିସ ଆସିବା ପୂର୍ବରୁ ଯୁବକଙ୍କ ମୃତ୍ୟୁବରଣ କରିଥିଲେ। ଖବରପାଇ ବାରଙ୍ଗ ପୋଲିସ ପହଞ୍ଚିଥିବା ବେଳେ ସ୍ଥାନଟି ନନ୍ଦନକାନନ ଥାନା ଅଞ୍ଚଳର ହୋଇଥିବାରୁ ମୃତଦେହ ଜବତ କରି ନ ଥିଲେ। ପରେ ନନ୍ଦନକାନନ ଥାନା ପୋଲିସ ପହଞ୍ଚିଥିଲେ ଉଭୟ ପୋଲିସ ମଧ୍ୟରେ ସୀମାକୁ ନେଇ ଆଲୋଚନା ହୋଇଥିଲେ। ପରେ ଆମ୍ବୁଲାନ୍ସ ଆସିବାରୁ ପ୍ରାୟ ୮ଟାରେ ମୃତଦେହ ନନ୍ଦନକାନନ ଥାନା ଜବତ କରିଥିଲା।

## ଅରୁଣ କୁମାର ରାୟଙ୍କୁ ଡିଜି ପାହ୍ୟା

ଭୁବନେଶ୍ୱର,୫।୮(ବ୍ୟୁରୋ): ଓଡ଼ିଶା ପୋଲିସ କମ୍ୟୁନିକେଶନ ବିଭାଗରେ ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ଅରୁଣ କୁମାର ରାୟଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏନେଇ ଗୁରୁବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରବର୍ତ୍ତୀ ସମୟରେ ତାଙ୍କ ନିଯୁକ୍ତି ସ୍ଥାନ ଗୃହ ବିଭାଗ ନିଷ୍ପତ୍ତି ନେବ ବୋଲି କୁହାଯାଇଛି।

## କାର୍‌ରୁ ମୋବିଲ୍ ବୋହୁଛି କହି ଲୁଟିନେଲେ ଭ୍ୟାନିଟି

ଭୁବନେଶ୍ୱର,୫।୮(ବ୍ୟୁରୋ): ରାଜଧାନୀର କଳ୍ପନା ଛକ ନିକଟରେ ଗୁରୁବାର ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। କାର୍‌ରୁ ମୋବିଲ ବୋହୁଥିବା କହି ଲୁଟେରାମାନେ ଡ୍ରାଇଭରକୁ ଅନ୍ୟମନସ୍କ କରାଇବା ପରେ ମହିଳାଙ୍କ ଉପରକୁ ବିଷାକ୍ତ ଦ୍ରବ୍ୟ ସ୍ପ୍ରେ କରି ଭ୍ୟାନିଟ୍ ଲୁଟି ନେଇଛନ୍ତି। ଉକ୍ତ ଭ୍ୟାନିଟରେ ୩ ହଜାର ଟଙ୍କା, ସୁନା କାନଫୁଲ ଓ ଗୋଟିଏ ମୋବାଇଲ ଫୋନ୍ ଥିଲା। ଲୁଟ୍‌ର ଶିକାର ହୋଇଥିବା ଶୁଭଶ୍ରୀ ପ୍ରଧାନ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଓସ୍କାର ସିଟିରେ ରହୁଥିବା ଶୁଭଶ୍ରୀ ନିଜ କାରରେ କୌଣସି କାମରେ ଯାଇ ରାଜମହଲରୁ ଫେରୁଥିଲେ। କଳ୍ପନା ଛକ ରାସ୍ତାପାର୍ଶ୍ୱ ଫଳ ଦୋକାନ ଆଗରେ ଗାଡି ରଖି ଡ୍ରାଇଭର ଫଳ କିଣିବାକୁ ଯାଉଥିଲେ। ଶୁଭଶ୍ରୀ ପଛ ସିଟ୍‌ରେ ବସିଥିଲେ। ଏହି ସମୟରେ ଜଣେ ଯୁବକ ଆସି ତାଙ୍କ ଗାଡିରୁ ମୋବିଲ୍ ବୋହୁଥିବା କହିଥିଲେ। ଡ୍ରାଇଭର ଗାଡ଼ିର ସାମ୍ନାରେ ସାମାନ୍ୟ ମୋବିଲ୍ ଛିଟା ଦେଖିବା ପରେ ଯାଞ୍ଚ କରିଥିଲେ। ଏତିବେଳେ ଅନ୍ୟଜଣେ ଯୁବକ ଆସି ଶୁଭଶ୍ରୀଙ୍କ ଉପରକୁ ବିଷାକ୍ତ ଦ୍ରବ୍ୟ ସ୍ପ୍ରେ କରିଥିଲେ। ଶୁଭଶ୍ରୀ ଅଣନିଃଶ୍ୱାସୀ ହୋଇପଡିଥିବାବେଳେ ହଠାତ୍ ଯୁବକ ଜଣକ ଶୁଭଶ୍ରୀଙ୍କ ବସିଥିବା ସିଟ୍ ଉପରେ ଥିବା ତାଙ୍କ ଭ୍ୟାନିଟ୍ ନେଇ ଉଭୟ ଚମ୍ପଟ ମାରିଥିଲେ।

## ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ଦେଲା ଆକ୍ସନ ଏଡ୍



ଭୁବନେଶ୍ୱର, ୫।୮ (ବ୍ୟୁରୋ) - ଅମ୍ଳଜାନ ଅଭାବରୁ ଯେପରି କୌଣସି ରୋଗୀଙ୍କର ଜୀବନ ହାନି ନ ହେବ ତାହାକୁ ଦୃଷ୍ଟିରେ ରଖି ଆକ୍ସନ୍ ଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ସ୍ଥାନୀୟ ରିଜର୍ଭ ପୋଲିସ ହସ୍ପିଟାଲକୁ ଏକ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କୋଭିଡ୍ ସଚେତନତା ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆକ୍ସନ୍ ଏଡ୍‌ର ସହ-ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ଘାସିରାମ ପଣ୍ଡା, ବିଏନ୍ ଦୁର୍ଗା, ଅର୍ଜୁନ ଦିଗାଲ, ସିସିଡବ୍ଲ୍ୟୁଡିର ସଂପାଦକ ସଦାଶିବ ସ୍ୱାଇଁ,ରିଜର୍ଭ ପୋଲିସ ହସ୍ପିଟାଲର ଡ. ମମତା ନାୟକ ଓ ଡ. ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବାଲିଅନ୍ତା ବଜାରରେ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ

ବାଲିଅନ୍ତା,୫।୮(ଡି.ଏନ.ଏ)

ବାଲିଅନ୍ତା ବଜାର ଛକରେ ଗୁରୁବାର ସନ୍ଧ୍ୟାରେ ଏକ ହାଇମାଷ୍ଟ ଲାଇଟ୍ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ପୂର୍ବତନ ସମିତିସଭ୍ୟ ଦିଲୀପ ସାହୁ, ବଜାର ବ୍ୟବସାୟ ସଭାପତି ଅଲେଖଚନ୍ଦ୍ର ଦଳାଇ, ସମ୍ପାଦକ ବାବୁନା ସିଂ, ଲୁନା ସାହୁ, ପ୍ରଫୁଲ୍ଲ ସାହୁ ଓ ଯୁବ ନେତା ନିକୁ ଦାସଙ୍କ ସମେତ ବ୍ୟବସାୟ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ବଜାରଟି ଏକ ବ୍ୟସ୍ତବହୁଳ ବ୍ୟବସାୟିକ ପେଣ୍ଠସ୍ଥଳି ଥିବାରୁ ଏକ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା ପାଇଁ ବଜାର କମିଟି ପକ୍ଷରୁ ବିଧାୟକଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।



ଉଚ୍ଚ ବିଦ୍ୟାଳୟରେ ଖାଲିଥିବା କ୍ରୀଡ଼ା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ ପାଇଁ ତୁରନ୍ତ ବିଜ୍ଞାପନ ପ୍ରକାଶ ଦାବିରେ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତାଧାରୀ ପ୍ରଶିକ୍ଷିତ ବେକାର ଶିକ୍ଷକ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଆମରଣ ଅନଶନ ସ୍ଥଳରେ ଗୁରୁବାର ଅଭିନବ ଉପାୟରେ ବିକ୍ଷୋଭ କରାଯାଉଛି।

## ବିଶ୍ୱ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୮(ବ୍ୟୁରୋ)

ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। ସମିତି ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାଧାରଣ ସମ୍ପାଦକ ବିଜୟ ମହାନ୍ତି ଦିବଂଗତ ସଭ୍ୟ ଅବସରପ୍ରାପ୍ତ ଆରକ୍ଷୀ ନିରୀକ୍ଷଣ ସତିଶ ସେନାପତି ଓ ପଞ୍ଚାନନ ମିଶ୍ର, କୋଭିଡ୍ ମୃତକଙ୍କ ନିମନ୍ତେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟବକ୍ତା ସନ୍‌ସାଇନ ହସ୍ପିଟାଲର ୟୁରୋଲୋଜିଷ୍ଟ ବିଶ୍ୱଜିତ୍ ନନ୍ଦ ବୟସ୍କ ବ୍ୟକ୍ତିଙ୍କ ପୋଷ୍ଟ୍ରେଟ୍ ଓ ନିରାକରଣ ନେଇ ପରାମର୍ଶ ଦେଇଥିଲେ। ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ କୋଭିଡ୍ ନିୟମ ପାଳନ ସହ ସଚେତନ କରାଇବା ପାଇଁ ଅନୁରୋଧ କରିଥିଲେ ।

## ବାଘ ଖୁଆଡ଼ରେ କୁମ୍ଭୀର

ବାରଙ୍ଗ,୫।୮(ଡି.ଏନ୍.ଏ.)



ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୁଣି ଗୁରୁବାର କୁମ୍ଭୀର ଦେଖିବାକୁ ମିଳିଛି। ଦୁଇ ଭାଇ କଳାବାଘ ବାସୁ ଓ ସ୍ପନ୍ଦନ ରହୁଥିବା ୩୩ନମ୍ବର ଖୁଆଡ ମଧ୍ୟକୁ ଏକ ତିନି ମାସର କୁମ୍ଭୀର ପଶି ଆସିଥିଲା। ଖବରପାଇ କର୍ମଚାରୀମାନେ ଏହାକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ସୂଚନାଯୋଗ୍ୟ, ମଧ୍ୟାହ୍ନ ସମୟରେ ନନ୍ଦନକାନନ ଜଣେ ଗାଇଡ୍ ପର୍ଯ୍ୟଟକଙ୍କୁ ବୁଲାଇବା ବେଳେ ୩୩ନମ୍ବର ବାଘ ଖୁଆଡ଼ ମଧ୍ୟକୁ ଏକ ମଗର କୁମ୍ଭୀର ପାଣିରେ ପହଁରୁଥିବା ଦେଖି ନିକଟରେ ଥିବା କର୍ମଚାରୀଙ୍କୁ କହିଥିଲେ। ତୁରନ୍ତ ବାଘଟିକୁ ଫୁଡ ଚାମ୍ବରରେ ଆବଦ୍ଧ କରାଯାଇ କୁମ୍ଭୀରକୁ ଜାଲ ପକାଇ ଧରିବାକୁ ଉଦ୍ୟମ ହୋଇଥିଲା। ମାତ୍ର ବାଘ ଖୁଆଡ଼ ଖାଇରେ ଅଧିକ ପାଣି ଥିବାରୁ ମୋଟର ଲଗାଇଥିଲେ ମଧ୍ୟ କର୍ମଚାରୀମାନେ ବିଫଳ ହୋଇଥିଲେ। ତେବେ ଉଭୟ କଳାବାଘ ପ୍ରତି କୌଣସି ବିପଦ ନ ଥିବା ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ସୋମବାର ମଧ୍ୟ ବୋଟିଂ ସ୍ଥାନରେ ଏକ ମଗର କୁମ୍ଭୀର ଦେଖାଯାଇଥିଲା।

## 'ଷ୍ଟାର୍ ମିସ୍ ଓଡ଼ିଶା ଟିନ୍ ଇଣ୍ଡିଆ' ଟାଇଟଲ ଜିତିଲେ ଶୀତଲ

ଭୁବନେଶ୍ୱର, ୫।୮ (ବ୍ୟୁରୋ)

ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଷ୍ଟାର ମିଷ୍ଟର ଆଣ୍ଡ ମିସ୍ ଟିନ୍ ଇଣ୍ଡିଆ'ରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଭୁବନେଶ୍ୱର ଝିଅ ଶୀତଲ ରଣା। ଏଥିରେ ସେ 'ଷ୍ଟାର୍ ମିସ୍ ଓଡ଼ିଶା ଟିନ୍ ଇଣ୍ଡିଆ' ଟାଇଟଲ୍ ହାସଲ କରିଛନ୍ତି। ନୂଆଦିଲ୍ଲୀର ଷ୍ଟାର୍ ଏଣ୍ଟରଟେନ୍‌ମେଣ୍ଟ ପ୍ରଡକ୍ସନ ପକ୍ଷରୁ ରାଜସ୍ଥାନ ଜୟପୁରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ୭୪ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଓଡ଼ିଶାରୁ ୫ଜଣ ରହିଥିଲେ। ଜୁଲାଇ ୨୮ରୁ ଅଗଷ୍ଟ ୧ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ରାମ୍ପ୍ ୱାକ୍, ଟ୍ୟାଲେଣ୍ଟ ରାଉଣ୍ଡ, ପର୍ସନାଲ ଇଣ୍ଟ୍ରୋଡକ୍ସନ, ପ୍ରଶ୍ନୋତ୍ତର ଭଳି ବିଭିନ୍ନ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ୍ ପଟ୍ଟନାୟକ ଓ ସୋମେନ୍ କୁମାର ରଣାଙ୍କ ୧୭ବର୍ଷୀୟା ଝିଅ ଶୀତଲ ସମସ୍ତ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବା ସହ ରାଜ୍ୟ ଟାଇଟଲ୍ ଜିତିଛନ୍ତି। ଜାନୁୟାରୀରେ ଓଡ଼ିଶାରେ ଏହାର ଅଡିଶନ ହୋଇଥିଲା। ୫୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶୀତଲଙ୍କ ସମେତ ମୋଟ ୫ଜଣ ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ।


ଟାଇଟଲ ସହ ଅତିଥିଙ୍କ ଗହଣରେ ଶୀତଲ।

## ପାର୍କ ଆଗରେ ସ୍ୱାମୀ ସ୍ତ୍ରୀ ହାତାହାତି

ଭୁବନେଶ୍ୱର,୫।୮(ବ୍ୟୁରୋ)

ଅନ୍ୟଜଣେ ଯୁବତୀଙ୍କ ସହ ପାର୍କରେ ବୁଲୁଥିଲେ ସ୍ୱାମୀ। ଏକଥା ସ୍ତ୍ରୀଙ୍କ କାନରେ ବାଜିବା ପରେ ଆଇଜି ପାର୍କ ସମ୍ମୁଖରେ ସୃଷ୍ଟି ହେଲା ଅପ୍ରୀତିକର ସ୍ଥିତି। ପ୍ରଥମେ ଝଗଡ଼ା, ଆଉ ତା'ପରେ ହାତାହାତି। ଦୀର୍ଘସମୟ ଧରି ଏପରି ହାଇଡ୍ରାମା ଚାଲିଥିବାବେଳେ ଶେଷରେ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ସମସ୍ତଙ୍କୁ ଥାନାକୁ ନେଇଥିଲା। ତେବେ ସେଠାରେ ପରସ୍ପର ମଧ୍ୟରେ ବୁଝାଶୁଝା ହୋଇ ନିଜ ଘରକୁ ଯାଇଥିବା ପୋଲିସ କହିଛି। ସ୍ତ୍ରୀଙ୍କ କହିବା ଅନୁଯାୟୀ, ତାଙ୍କ ସ୍ୱାମୀ ତାଙ୍କ ପାଖରେ ଆଉ ରହୁନାହାନ୍ତି। ଏପରିକି ତାଙ୍କ ଜନ୍ମିତ ଝିଅକୁ ବି ଆର୍ଥିକ ସହାୟତା କରନ୍ତି ନାହିଁ। ଜଣେ ଯୁବତୀଙ୍କ ସହ ନିୟମିତ ବୁଲାବୁଲି କରୁଛନ୍ତି। ଗୁରୁବାର ଆଇଜି ପାର୍କରେ ଜଣେ ଯୁବତୀଙ୍କ ସହ ସ୍ୱାମୀ ବୁଲୁଥିବା ଖବରପାଇ ସେଠାରେ ପହଞ୍ଚି ବିରୋଧ କରିଥିଲେ। ସ୍ୱାମୀଙ୍କ କହିବା ଅନୁଯାୟୀ, ଯୁବତୀ ହେଉଛନ୍ତି ତାଙ୍କର ଜଣେ ବାନ୍ଧବୀ। ତାଙ୍କ ନାମରେ ମହିଳା ଥାନାରେ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଉକ୍ତ ମାମଲା ଅଗଷ୍ଟ ୧୭ରେ ଆଲୋଚନା ହେବାର ଅଛି ବୋଲି ସେ କହିଛନ୍ତି।

## ପୁଣି ପାଳନ ହେବ 'ଆଜାଦୀ କି ଅମୃତ ଉତ୍ସବ'

ଭୁବନେଶ୍ୱର, ୫।୮(ବ୍ୟୁରୋ)

ଚଳିତ ମାସରୁ ପୁଣି ପାଳନ ହେବ 'ଆଜାଦୀ କି ଅମୃତ ଉତ୍ସବ'। ଏନେଇ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏହା ଉପରେ ଆଲୋଚନା କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୨୨ ପର୍ଯ୍ୟନ୍ତ ଏହାକୁ ପାଳନ ପାଇଁ ଭାରତ ସରକାର ଧାର୍ଯ୍ୟ କରିଛନ୍ତି। ଏହି ଅନୁସାରେ ଓଡ଼ିଶା ସରକାର ମାର୍ଚ୍ଚ ୨୦୨୧ରୁ ଏହି ଉତ୍ସବ ପାଳନ କରି ଆସୁଛନ୍ତି। ଚଳିତ ମାସରୁ ପୁଣି ସଂସ୍କୃତି ବିଭାଗ ସମେତ ପଞ୍ଚାୟତିରାଜ ଓ ପାନୀୟ ଜଳ, କ୍ରୀଡ଼ା ଓ ଯୁବ ବ୍ୟାପାର, ସୂଚନା ଓ ଲୋକ ସମ୍ପର୍କ, ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ଏବଂ ଅନ୍ୟ ବିଭାଗର ମିଳିତ ଭାବେ ଏହି ଉତ୍ସବକୁ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ସଂସ୍କୃତି ବିଭାଗ ଉପସଚିବ ସଞ୍ଜୟ ମିଶ୍ର, ଉପ ନିର୍ଦ୍ଦେଶକ ସେବାନନ୍ଦ ବରିହା, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ, ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ, ଉର୍ଦ୍ଦୁ ଏକାଡେମୀ ସଚିବ ଡ. ସୟିଦ ମୁଶୀର ଆଲାମ, ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକ ଅଶ୍ୱିନୀ କୁମାର ଶତପଥୀଙ୍କ ସହ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟାଳୟର ମୁଖ୍ୟମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।







ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ପାଇଥିବା ଭାରତୀୟ ପୁରୁଷ ହକି ଦଳକୁ ଶୁଭେଚ୍ଛା ଜଣାଇ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବିଭିପି ପକ୍ଷରୁ ଶୋଭାଯାତ୍ରା ଓ ପିଏମ୍‌ଜି ଛକସ୍ଥିତ ଏସ୍‌ବିଆଇ ସମ୍ମୁଖରେ ଶିଳ୍ପୀ ସୁବଳ ମହାରଣାଙ୍କ ବାଲୁକା କଳା।

**ସିପିଆଇ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ**

ଗୋପ,(ଡି.ଏନ୍.ଏ.)- ଦରଦାମ ବୃଦ୍ଧି ପ୍ରତିବାଦରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଗୋପ ବଜାର ପରିକ୍ରମା କରିଥିଲେ। ପରେ ଗୋପ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ପ୍ରତିବାଦ ସଭା ମନୋରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲା କୃଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ପୁରୀ ଜିଲା ସିପିଆଇ ସମ୍ପାଦକ ବ୍ରହ୍ମାନନ୍ଦ ଦାସ, ଗୋପ ବ୍ଲକ ଜୋନ ସମ୍ପାଦକ ପ୍ରସନ୍ନ ଦାସ, ପବିତ୍ର ଦାସ, ଶୁଭଶ୍ରୀ ଦାସ, ମହଲପଡା ସରପଞ୍ଚ ରାଜଶ୍ରୀ ଦାସ ପ୍ରମୁଖ ସରକାରଙ୍କୁ ବିରୋଧ କହିଥିଲେ। ପରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଏକ ଦାବିପତ୍ର ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫।୦୮।୨୦୨୧
୭୫୩୦ ଟଙ୍କା
ରୁପା
୧୯.୭୦୦ ମିଲିଗ୍ରାମ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଫେରାର

ଡେଲାଙ୍ଗ,୫।୮(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଧୀନ ହୁରୁହୁରା ଗ୍ରାମରେ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୭୨/୨୧) ରୁଜୁ କରି ତଦନ୍ତ ଚଳାଇଛନ୍ତି। ଅଭିଯୋଗ ଅନୁଯାୟୀ, ହୁରୁହୁରା ଗ୍ରାମର ଦିବାକର ପ୍ରଧାନ ୮ ବର୍ଷ ତଳେ ଯୋକନଡୁଆ ଗ୍ରାମର ସୁକାନ୍ତି ସେନାପତିଙ୍କୁ ବିବାହ କରିଥିଲେ। କିଛିବର୍ଷ ପରେ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିବାକର ଦେଇଆସୁଥିଲେ। ଏ ନେଇ ସୁକାନ୍ତି ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନା ଏଏସଆଇ ଅଶୋକ ମହାପାତ୍ର, ସିପାହି ରୋଜାଲିନ ବାକ୍ସଲା ଓ ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ସଦଳବଳ ହୁରୁହୁରା ଗ୍ରାମରେ ପହଞ୍ଚି ଯୌତୁକରେ ନେଇଥିବା ଆସବାବପତ୍ରକୁ ଜବତ କରି ସୁକାନ୍ତିଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଅଭିଯୋଗ ହୋଇଥିବା ଜାଣି ଦିବାକର ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛନ୍ତି।

### ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ

ପୁରୀ ଅଫିସ,୫।୮: ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନାବାଳିକା ଗର୍ଭଧାରଣର କାରଣ ଓ ପ୍ରତିକାର ଶୀର୍ଷକ ଆଲୋଚନାଚକ୍ର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଅଧକ୍ଷତା କରିଥିଲେ। ବାଲ୍ୟବିବାହ ଓ ବଳାତ୍କାର ନାବାଳିକା ଗର୍ଭାବସ୍ଥାର ମୁଖ୍ୟ କାରଣ ବୋଲି ଅଧକ୍ଷ କହିବା ସହ ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସ ଏବଂ ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ଯୋଗଦେଇଥିଲେ। ମାନବ ଅଧିକାର କମିଶନରେ ଏକ ଦରଖାସ୍ତ ଦାୟର ହୋଇଛି, ଯେଉଁଥିରେ ଓଡ଼ିଶାର ନାବାଳିକା ଗର୍ଭବତୀ ପ୍ରସଙ୍ଗ ଉପରେ କମିଶନଙ୍କ ହସ୍ତକ୍ଷେପ ପ୍ରାର୍ଥନା କରାଯାଇଛି। ଏଥିରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆକ୍ସନ୍ ଟେକେନ୍ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଗୁରୁବାର ଅନୁଷ୍ଠିତ ଉକ୍ତ ଆଲୋଚନା ଚକ୍ରରେ ନାବାଳିକା ଗର୍ଭଧାରଣାର ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ନାବାଳିକାଙ୍କ କ୍ଷେତ୍ରରେ ଶିକ୍ଷା ଓ ସଚେତନତାର ଅଭାବ ଏବଂ ବାଲ୍ୟବିବାହ ଏକ ବଡ଼ କାରଣ ହୋଇଥିବାବେଳେ ଏଥିସହ ଅନ୍ୟ କାରଣ ମଧ ରହିଥିବା ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଙ୍ଗନୱାଡିକର୍ମୀମାନେ ଉପସ୍ଥିତ ଥିଲେ।

### କୋରେକ୍ସ ବିକି ୨ ଗିରଫ

ପୁରୀ ଅଫିସ, ୫।୮:ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ପୁରୀ ଟାଉନ ଥାନା ଅନ୍ତର୍ଗତ ଚୁଡଙ୍ଗ ସାହି ବାନାମ୍ବର ଛକର ରଶ୍ମି ଦାଶ ଓ ମାର୍କେଣ୍ଡେଶ୍ୱର ସାହିର ବାଲ୍ମିକୀ ପ୍ରଧାନ। ସେମାନଙ୍କଠାରୁ ୪୩ଟି କୋରେକ୍ସ ବୋତଲ ସହ ଗୋଟିଏ ସ୍କୁଟି (ନଂ. ଓଡି ୧୩ ଏନ୍ ୪୮୫୯) ଜବତ ହୋଇଛି । ଏ ନେଇ ପୋଲିସ କେସ ନଂ. ୧୫୯/ ୨୧ ମାମଲା ରୁଜୁ କରିଛି।

# ରୋଗୀଙ୍କୁ ଘରୋଇ କ୍ଲିନିକ୍ ପଠାଇ ଶୋଷଣ

- ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ଥାଇ ବି ମିଳୁନି
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ

ପୁରୀ ଅଫିସ, ୫।୮:

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ଓ ଚିକିତ୍ସା ସୁବିଧା ଥିବା ସତ୍ତ୍ୱେ ରୋଗୀଙ୍କୁ ଘରୋଇ କ୍ଲିନିକ୍‌ରେ ଅପରେଶନ୍ ପାଇଁ ଡାକ୍ତର ବାଧ କରୁଛନ୍ତି। ଏଭଳି ଭାବେ ରୋଗୀଙ୍କୁ ଶୋଷଣ କରାଯାଉଛି। ପୁରୀ ପେଣ୍ଟକଟାର ହରେକୃଷ୍ଣ ସରାବ ଏହି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସରାବ କହିଛନ୍ତି ଯେ, ଗୁରୁବାର ସେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ହାର୍ନିଆ ସମସ୍ୟା ସମ୍ପର୍କରେ ଡାକ୍ତରଙ୍କୁ ଜଣାଇଥିଲେ। ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ତାଙ୍କୁ କହିଥିଲେ। ଏହାପରେ ସେ ଅସ୍ତ୍ରୋପଚାର ପାଇଁ ଆଗ୍ରହୀ ଥିବା ଜଣାଇଥିଲେ ମଧ ଡାକ୍ତର ତାଙ୍କୁ ଘରୋଇ କ୍ଲିନିକ୍‌ରେ ଅସ୍ତ୍ରୋପଚାର ଅଧିକ ସୁରକ୍ଷିତ ବୋଲି କହି ସେଠାକୁ ଯିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିଲାଗି ତାଙ୍କୁ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ମାତ୍ର ତାଙ୍କ ପାଖରେ ଏତେ ଅର୍ଥ ନ ଥିବା କହିବାରୁ ଚିକିତ୍ସା ବାବଦ ଅର୍ଥ କମ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଦୁଇ ଦିନ ତଳେ ଭୀମସେନ ରାଉତଙ୍କୁ ନେଇ ତାଙ୍କ ପୁତ୍ର ବିଭୂତି ଭୂଷଣ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ମଧ ତାଙ୍କୁ ଘରୋଇ କ୍ଲିନିକ ଯିବାକୁ କହିଥିଲେ। ବିଭୂତି କହିଛନ୍ତି, ସେ ମୁଖ୍ୟ ଚିକିତ୍ସାଳୟରେ ଆଡମିଶନ ହୋଇଥିଲେ। ମାତ୍ର ପରେ ତାଙ୍କୁ ପରେ ଘରୋଇ କ୍ଲିନିକ୍‌ରେ ଅସ୍ତ୍ରୋପଚାର କରିବା ପାଇଁ ବାଧ କରିଥିଲେ। ମାତ୍ର ସେ ଡାକ୍ତରଙ୍କୁ ମନା କରି ଫେରିଥିଲେ। ପରେ କିନ୍ତୁ ତାଙ୍କୁ ଫୋନ୍ କରି କମ୍ ଖର୍ଚ୍ଚରେ ଘରୋଇ ହସ୍ପିଟାଲ ଯିବାକୁ ଡାକ୍ତର ପ୍ରବର୍ତ୍ତାଇଥିଲେ। ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ହାର୍ନିଆ ଭଳି ଛୋଟ ଅସ୍ତ୍ରୋପଚାର ନ ହେବା ଦୁର୍ଭାଗ୍ୟଜନକ ପ୍ରସଙ୍ଗ। ଏହାର ଫାଇଦା ଉଠାଇ ଡାକ୍ତରମାନେ ରୋଗୀଙ୍କୁ ଘରୋଇ କ୍ଲିନିକ୍‌କୁ ଯିବାକୁ ବାଧ କରୁଛନ୍ତି। ଏନେଇ ସିଡିଏମ୍‌ଓଙ୍କୁ ସୂଚନା ନାହିଁ ବୋଲି କହିବା ଭୁଲ ହେବ। କେବଳ ସେବା ମନୋଭାବ ରହିଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ଅନ୍ୟପକ୍ଷରେ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, କୋଭିଡ୍ ଯୋଗୁ ବୈଦ୍ୟୁତିକ ପଦ୍ଧତିର ବ୍ୟବହାର ହେଉଥିବା ସବୁ ଅସ୍ତ୍ରୋପଚାର ଏବେ ବନ୍ଦ ରହିଛି। ଜଣେ ମାତ୍ର ଟେକ୍ନିସିଆନ୍ ଥିବାରୁ ଅସ୍ତ୍ରୋପଚାର କରାଯାଇପାରୁନାହିଁ। ଅତି ଜରୁରିକାଳୀନ ସ୍ଥିତିରେ ଅପରେଶନ୍ କରୁଛୁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ରେଫର୍ କରାଯାଉଛି। ତେବେ ଡାକ୍ତର ଜାଣିଶୁଣି ଡିସ୍‌ଚାର୍ଜ କରିବା ପରେ ଘରୋଇ କ୍ଲିନିକ୍‌କୁ ଡାକୁଛନ୍ତି କାହିଁକି ବୋଲି ପଚାରିବାରୁ ସିଡିଏମ୍‌ଓ ମିଶ୍ର କହିଛନ୍ତି, ଏଭଳି ହୋଇଥିବା ଅଭିଯୋଗ ସମ୍ପର୍କରେ ସୋସିଆଲ୍ ମିଡ଼ିଆରୁ ଶୁଣିବାକୁ ପାଇଛି। ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗରେ ସତ୍ୟାସତ୍ୟ ଥିବା ଜଣାପଡ଼ିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇ ପୁରୀର ସୂର୍ଯ୍ୟକାନ୍ତ ଦାସଙ୍କ ଚିତ୍ରକଳା ।

## 'ଅଲିମ୍ପିକ୍ସରେ ମାଲଖମ୍ବକୁ ସାମିଲ କରାଯିବା ଆବଶ୍ୟକ'

ପୁରୀ ଅଫିସ,୫।୮:

ମାଲଖମ୍ବକୁ ଅଲିମ୍ପିକ୍ସରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହି କ୍ରୀଡ଼ାର ଶାରିରୀକ ଅଭ୍ୟାସ ସହ ଯଥେଷ୍ଟ ଗୁରୁତ୍ୱ ଥିବା ସତ୍ତ୍ୱେ କ୍ରୀଡ଼ାକୁ ଠିକ ଭାବେ ପ୍ରୋତ୍ସାହନ ମିଳିପାରି ନାହିଁ ବୋଲି ଜାତୀୟ ସଭାପତି ରମେଶ ଲିଣ୍ଡୋଲିଆ କହିଛନ୍ତି। ଚକ୍ରତୀର୍ଥ ରୋଡସ୍ଥିତ ସୁନାରଗୌରାଙ୍ଗ ମନ୍ଦିର ନିକଟରେ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ଲିଣ୍ଡୋଲିଆ ଖେଳାଳିମାନଙ୍କୁ ଏହି କ୍ରୀଡ଼ା ପ୍ରତି ପ୍ରୋତ୍ସାହିତ କରିଥିଲେ। ସେ ଖେଳାଳିମାନଙ୍କୁ ମାଲଖମ୍ବ କିଟ୍ ପ୍ରଦାନ କରିଥିଲେ। କିଭଳି ଜିଲାରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରାଯିବ ଓ ଅଧିକରୁ ଅଧିକ ଯୁବକ ମାଲଖମ୍ବ ପ୍ରତି ଆକୃଷ୍ଟ ହେବେ ସେନେଇ ଧ୍ୟାନ ଦିଆଯିବ ବୋଲି ସଭାପତି କହିଛନ୍ତି। ରଘୁନାଥ ମିଶ୍ର, ବିଜୟ ମିଶ୍ର, ଓଡ଼ିଶା ସଭାପତି ସନ୍ତୋଷ ନାୟକ, ପୂର୍ବତନ କାଉନସିଲର ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୫୨ ଅମାନିଆଙ୍କଠାରୁ ୨୫ହଜାର ଜରିମାନା ଆଦାୟ

ପୁରୀ ଅଫିସ, ୫।୮:

କରୋନାର ଦ୍ୱିତୀୟ ଲହରରେ ପୁରୀ ପୋଲିସ ପକ୍ଷରୁ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି। ଗୁରୁବାର କେତେଜଣ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକ କୋଭିଡ୍ ନିୟମ ଉଲଂଘନ କରି ମାସ୍କ ପିନ୍ଧି ନ ଥିବାରୁ ପୋଲିସ ସେମାନଙ୍କଠାରୁ ଫାଇନ ଆଦାୟ କରିବା ସହ ବିଭିନ୍ନ ଥାନାରେ ଅଟକ ରଖିଥିଲା। ମୋଟ ୨୫୨ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ପୋଲିସ ୨୫,୨୦୦ ଟଙ୍କା ଆଦାୟ କରିଛି। ତେବେ ଏହି ଘଟଣାକୁ ନେଇ ସନ୍ଧ୍ୟାରେ ସମୁଦ୍ରକୂଳ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବିନା କାରଣରେ ସେମାନଙ୍କୁ ଥାନାକୁ ଉଠାଇ ଆଣିଛି ବୋଲି ସମ୍ପୃକ୍ତ ବ୍ୟକ୍ତିମାନେ ଅଭିଯୋଗ କରିଥିଲେ। ସେମାନେ କହିଥିଲେ, ପୋଲିସ ପକ୍ଷରୁ ଯେଉଁ ସ୍ଥାନରେ ମାସ୍କ ଚେକିଂ କରାଯାଉଛି ସେଠାରେ ହିଁ ଫାଇନ ଆଦାୟ କରାଯାଉ।

## ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ଅସ୍ତରଙ୍ଗ,୫।୮(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଗୁରୁବାର ଜିଲାପାଳ ସମର୍ଥ ବର୍ମା ପରିଦର୍ଶନରେ ଆସି ସମୀକ୍ଷା କରିଛନ୍ତି। ସକାଳ ୯ଟାରେ ଜିଲାପାଳ ଅସ୍ତରଙ୍ଗର ପିର ଜାହାନିଆ ପୀଠରେ ପହଞ୍ଚି ବେଳାଭୂମି ଉନ୍ନତିକରଣର ସମୀକ୍ଷା କରିବା ପରେ ପାଟଳଦା ପଞ୍ଚାୟତ ସୁନ୍ଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଡେଲ ସ୍କୁଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବ୍ଲକ ସଭାଗୃହରେ ଏକ ବୈଠକ କରି ସମସ୍ତ ସରପଞ୍ଚଙ୍କୁ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଖର୍ଚ୍ଚ କରି ଆଦର୍ଶ ସ୍କୁଲ, ଅଙ୍ଗନୱାଡ଼ି ଓ ପାର୍କ ଆଦି ନିର୍ମାଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଆବାସ ଗୃହରେ ତ୍ରୁଟି, ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା, ନିମାପଡ଼ା-ଅସ୍ତରଙ୍ଗ ରାସ୍ତା ନିର୍ମାଣ ଦୁର୍ନୀତି, ରାଶନ ଖାଉଟି ସାମଗ୍ରୀ ଅବ୍ୟବସ୍ଥା ଆଦି ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ସମସ୍ତ କଥା ଶୁଣି ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ତହସିଲଦାର, ଜିଲା ପରିଷଦ ଅଧକ୍ଷ, ବ୍ଲକ ଅଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

### ରୋଗୀଙ୍କୁ ଏକ୍ସପାଏରି ସାଲାଇନ ଦେବା ଘଟଣା
## କର୍ମଚାରୀଙ୍କୁ ସ୍ପଷ୍ଟୀକରଣ ମାଗିଲେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା

ପୁରୀ ଅଫିସ,୫।୮:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ଏକ୍ସପାଏରି ସାଲାଇନ ଦେବା ଘଟଣାରେ ଗୁରୁବାର ସମ୍ପୃକ୍ତ କର୍ମଚାରୀଙ୍କୁ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସ୍ପଷ୍ଟୀକରଣ ମାଗିଛନ୍ତି। ସେ କହିଛନ୍ତି, ଏକ୍ସପାଇରି ସାଲାଇନ ନେଇ ଅସୁସ୍ଥ ହୋଇଥିବା ରୋଗୀ ଏବେ ସୁସ୍ଥ ଅଛନ୍ତି। ତାଙ୍କୁ ମେଡିକାଲ ଅଫିସର ସି.ଏସ୍. ନାଗ ଚିକିତ୍ସା କରୁଛନ୍ତି। ସଂପୃକ୍ତ ନର୍ସିଂ ଷ୍ଟାଫ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ଜଣାପଡିଛି। ଠିକ୍ ଭାବେ ସାଲାଇନର ଅବଧି ନ ଦେଖି ଦେଇଥିବାରୁ ଏଭଳି ଘଟଣା ଘଟିଛି।

## ପୂର୍ତ୍ତ ଅଫିସ ଘେରିଲା ଭାଜପା ଯୁବ ମୋର୍ଚ୍ଚା

ନିମାପଡ଼ା,୫।୮(ଡି.ଏନ୍.ଏ.)

ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପ୍ରାୟ ୨ଶହ କର୍ମୀ ଗୁରୁବାର ନିମାପଡ଼ା ପୂର୍ତ୍ତ ବିଭାଗ ସବଡିଭିଜନ ଅଫିସ ଘେରାଉ କରିଥିଲେ। କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଥମେ ପୁରୁଣା ବସଷ୍ଟାଣ୍ଡରୁ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭା ହୋଇଥିଲା। ସଭାରେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାସ, ଉପସଭାପତି ଆଲୋକ ବେହେରା, ଦିଲୀପ ପ୍ରଧାନ, ସମ୍ପାଦକ ରାକେଶ ବିଶ୍ୱାଳ, ସାଧାରଣ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ଶିବପ୍ରସାଦ ସ୍ୱାଇଁ, ଦିଲୀପ ପାତ୍ର, ମାନସ ପ୍ରଧାନ, ସୌଦାମିନୀ ସେନାପତି, ରାକେଶ ସେନାପତି, ଅନୁରାଗ ଦାସ, ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ନିମାପଡ଼ା ପୂର୍ତ୍ତ ବିଭାଗରେ ରାସ୍ତାଘାଟ, କଂକ୍ରିଟ ବ୍ରିଜ, କଲଭର୍ଟ ନିର୍ମାଣରେ ୧ଶହ କୋଟି ଟଙ୍କାର ଦୁର୍ନୀତି, ନିମ୍ନମାନର କାର୍ଯ୍ୟର ନିରପେକ୍ଷ ତଦନ୍ତ କରାଯିବା, ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ପରେ ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ଦାଶଙ୍କୁ ପ୍ରଦାନ କରାଯାଇଥିଲା।



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନିମାପଡ଼ା ପୂର୍ତ୍ତ ବିଭାଗ ସବଡିଭିଜନ ଅଫିସ ଘେରାଉ କରାଯାଇଛି।

## ରଥଯାତ୍ରା ମହୋତ୍ସବ ପ୍ରତିଯୋଗିତା: ୪୦ କୃତକାର୍ଯ୍ୟ

ପୁରୀ ଅଫିସ,୫।୮:

ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପୁରୀ ପକ୍ଷରୁ ଆୟୋଜିତ ୩୧ତମ ନେତ୍ରୋତ୍ସବ ତଥା ରଥଯାତ୍ରା ମହୋତ୍ସବ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଛି। ମୋଟ ୫୧ ପ୍ରତିଯୋଗୀଙ୍କ ମଧ୍ୟରୁ ୪୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅନଲାଇନ ମାଧ୍ୟମରେ ଇ ପ୍ରମାଣପତ୍ର ଦିଆଯିବ। କୋଭିଡ୍ ସମ୍ପୂର୍ଣ୍ଣ ଦୂର ହେଲେ ଡିସେମ୍ବରରେ ପୁରୀରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସମସ୍ତ କଳାକାର ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ସମ୍ମାନିତ କରାଯିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ବିପ୍ର



@ ଉମାକାନ୍ତ



@ ପ୍ରିୟା



@ ସାଇଲେନ



@ ଅନୁ



@ ଗୀତାଞ୍ଜଳି

## ଦିବ୍ୟାଙ୍ଗ ଶିଶୁ ସର୍ବେକ୍ଷଣ ନିମନ୍ତେ ପ୍ରଶିକ୍ଷଣ ଶିବିର

ସାକ୍ଷୀଗୋପାଳ/ଡେଲାଙ୍ଗ, ୫।୮(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଜନ୍ମରୁ ୬ବର୍ଷ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଶିଶଙ୍କ ସର୍ବେକ୍ଷଣ ନିମନ୍ତେ ବ୍ଲକ ସଭାଗୃହରେ ଗୁରୁବାର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ଶିବିରରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷୀରୋଦ କୁମାର ବେହେରା ଯୋଗଦେଇ ସର୍ବେକ୍ଷଣକୁ ନିର୍ଭୁଲ ଓ ତଥ୍ୟ ସମ୍ବଳିତ କରିବା ଦିଗରେ ପରାମର୍ଶ ଦେଇଥିଲେ। ସର୍ବେକ୍ଷଣ ବେଳେ ଦିବ୍ୟାଙ୍ଗ ଲକ୍ଷଣ, ଉପଚାର, ପ୍ରମାଣପତ୍ର, ଛାତ୍ର ବୃତ୍ତି, ଭତ୍ତା ଓ ପରିବାର ସମ୍ପୂର୍ଣ୍ଣ ବିବରଣୀ ତତ୍କାଳ ଯୋଗାଯୋଗ ସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରାଜଲକ୍ଷ୍ମୀ ଦାସ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଲକ୍ଷ୍ମୀ ବେହେରା କହିଛନ୍ତି। ୧୬୫ଜଣ ଅଙ୍ଗନୱାଡି କର୍ମୀ ଏହି ସର୍ବେକ୍ଷଣ କାମରେ ନିୟୋଜିତ ହେବେ। ସେହିଭଳି ଡେଲାଙ୍ଗ ବ୍ଲକ ଅଫିସ ପରିସରେ ଏଭଳି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ହୀରାମଣି ନାୟକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତପନ ଦାସ, ମହିଳା ମିଶନ ଶକ୍ତି ସମ୍ପାଦିକା ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ହନ୍ତୁକ ସେବା ସମିତିରେ ଦୁର୍ନୀତି ତଥା ଅର୍ଥ ହେରଫେର ଅଭିଯୋଗର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ସଦସ୍ୟମାନଙ୍କ ଧାରଣା ।

# ଆନ୍ଧ୍ରରେ ନିର୍ଯାତିତ ୨ ପ୍ରବାସୀ ଉଦ୍ଧାର

- ସହାୟତା କଲେ ସାମାଜିକ କର୍ମୀ ଦେବଦତ୍ତ
- ଆନ୍ଧ୍ର, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଥିଲେ

ଗୋପ,୫।୮(ଡି.ଏନ୍.ଏ.)

ଦୀର୍ଘମାସ ଧରି ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ଏକ ହୋଟେଲରେ ଫସିବା ପରେ ନିର୍ଯାତନା ପାଇ ଭୋକ ଉପାସରେ ବଞ୍ଚୁଥିବା ୨ ପ୍ରବାସୀଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ପୁରୀ ଜିଲା ଗୋପ ବ୍ଲକ ଅଧୀନ ବନ୍ତଳି ପଞ୍ଚାୟତ ମହାପୁର ଗ୍ରାମର ପବିତ୍ର ନାୟକ( ୪୮) ଓ ପ୍ରଭାକର ଗୋଛାୟତ (୩୩)। ଗୁରୁବାର ସକାଳେ ୨ଜଣ ଗାଁରେ ପହଞ୍ଚିବା ପରେ ପରିବାର ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ କରୋନା ଲହର ପରେ ପବିତ୍ର ଓ ପ୍ରଭାକର ପରିବାର ଚଳାଇବା ପାଇଁ ଦାଦନ ଖଟିବାକୁ ଆନ୍ଧ୍ର ଚାଲିଯାଇଥିଲେ। ମାତ୍ର କରୋନା କଟକଣାକୁ ନେଇ ସେଠାରେ କମ୍ପାନୀ ନ ଖୋଲି ଥିବାରୁ ସେମାନେ ଘରୁ ନେଇ ଥିବା ଟଙ୍କା ଅଳ୍ପଦିନ ମଧ୍ୟରେ ସରିଯାଇଥିଲା। କିଛିଦିନ ଭୋକ ଉପାସରେ ବୁଲିବା ପରେ ଶ୍ରୀକାକୁଲମର ଏକ ହୋଟେଲରେ କାର୍ଯ୍ୟ କରିଥିଲେ। କିନ୍ତୁ ହୋଟେଲ ମାଲିକ କାର୍ଯ୍ୟ କରିବାର କିଛିଦିନ ପରେ ଶାରୀରିକ, ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିଥିଲା। କୌଣସି ବାଟ ନ ପାଇ କେବଳ ବଞ୍ଚିବା ଲାଗି ପ୍ରୟାସ ଜାରି ରଖିଥିଲେ ଏହି ପ୍ରବାସୀ ଓଡ଼ିଆ। କୌଣସି ପ୍ରକାର ସେମାନଙ୍କ ପରିବାର ଲୋକ ଜାଣିବା ପରେ ସାହାଯ୍ୟ ପାଇଁ ବାରଦୁଆର ଶୁଣ୍ଡି ପିଣ୍ଡା ହୋଇଥିଲେ ମଧ କେହି ଶୁଣି ନ ଥିଲେ। ପରେ ମହାପୁର ଅଞ୍ଚଳର ସାମାଜିକ କର୍ମୀ ଦେବଦତ୍ତ ବିଶ୍ୱରଞ୍ଜନ ଘଟଣା ବିଷୟରେ ଜାଣି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୨ ରାଜ୍ୟର ପୋଲିସ ବିଭାଗକୁ ଟୁଇଟ୍ କରି ଗତ ୩ ତାରିଖରେ ଜଣାଇଥିଲେ। ଟୁଇଟ୍ ପରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଉକ୍ତ ହୋଟେଲରୁ ୨ ଓଡ଼ିଆଙ୍କୁ ଉଦ୍ଧାର କରି ଓଡ଼ିଶା ପଠାଯାଇଥିଲା। ଗୁରୁବାର ସକାଳୁ ଏହି ଓଡ଼ିଆ ପ୍ରବାସୀ ଗାଁରେ ପହଞ୍ଚିବା ପରେ ଖୁସିର ଲହରି ଖେଳିଯାଇଛି। ଏହି ଗରିବ ପରିବାରର ସଦସ୍ୟମାନେ ଉଦ୍ଧାର କରିବାରେ ଦେବଦୂତ ସାଜିଥିବା ଦେବଦତ୍ତ ବିଶ୍ୱରଞ୍ଜନଙ୍କ ସହ ୨ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ଅଗଷ୍ଟ, ୨୦୨୧

## ବ୍ଲକସ୍ତରୀୟ ବୈଠକ ପାଇଁ ଭାଜପାର ପ୍ରସ୍ତୁତି

ବୋଲଗଡ,(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ମଣ୍ଡଳ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ପାଇଁ ବରିଷ୍ଠ ଭାଜପା କର୍ମୀ ରବୀନ୍ଦ୍ର କୁମାର ସାଥୁଆଙ୍କ ସଭାପତିତ୍ୱରେ ଓ ଭାଜପା ମଣ୍ଡଳ ସଭାପତି ସଞ୍ଜୟ ବେହେରାଙ୍କ ଆବାହକତ୍ୱରେ ଗୁରୁବାର ଏକ ପ୍ରସ୍ତୁତି ଆଲୋଚନା ସଭା ମାଳିସାହିସ୍ଥିତ ତିନିଦୋଳ ମେଳଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ସଭାପତି ସାଥୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଣ୍ଡଳ ପ୍ରଭାରୀ ସୁବାସ ଚନ୍ଦ୍ର ମିଶ୍ର ତୃଣମୂଳ ସ୍ତରରେ ଦଳ ସାଂଗଠନିକ କାର୍ଯ୍ୟକ୍ରମକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ୬ ପଞ୍ଚାୟତର ଭାଜପା ସଭାପତି ଓ ବହୁ କର୍ମୀ ଯୋଗଦେଇଥିଲେ। ପାଞ୍ଚଗଡ଼ମଣ୍ଡଳର ପ୍ରଭାରୀ ଚଇ ପଟ୍ଟନାୟକ ଯୋଗଦେଇ କହିଥିଲେ।



## ସଂକ୍ଷେପରେ

### ବିଜୁ ଛାତ୍ର ଜନତା ଦଳର ସମୀକ୍ଷା ବୈଠକ

ଖୋର୍ଦ୍ଧା ଅଫିସ,୫।୮: ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ସମୀକ୍ଷା ବୈଠକ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲା ଯୋଜନା କମିଟି ସଭାପତି ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ବିଜେଡି ସଭାପତି ବିଭୂତି ବଲବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇ, ମହିଳା ସଭାନେତ୍ରୀ ଗୀତାଞ୍ଜଳି ପାଟ୍ଟଷାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ଲେଙ୍କା ଯୋଗଦେଇଥିଲେ। ଜିଲା ଡିଜିଟାଲ ସମ୍ପାଦକ ଗୌତମ ମିଶ୍ର, ଯୁବ ବିଜେଡି ସଭାପତି ରାଜେଶ ପରିଡା, ମୋ ପରିବାର ସଂଯୋଜକ ଦିଲୀପ ହୋତା, ନଗର ସଭାପତି ମହମ୍ମଦ ଆରିଫଙ୍କ ସମେତ ଜିଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳ ଛାତ୍ର ବିଜେଡି ସଭାପତି, ସମ୍ପାଦକ ମାନେ ଯୋଗଦେଇ ଦଳକୁ ତୃଣମୂଳ ସ୍ତରରେ ଦୃଢ଼ କରିବାକୁ କୁହାଯାଇଛି।

### ପାର୍କ ଖୋଲିଲା, ସମସ୍ତେ ଖୁସି

ଜଟଣୀ,୫।୮(ଡି.ଏନ୍.ଏ): କୋଭିଡ୍ କଟକଣାଶ କୋହଳ ଯୋଗୁ ଦୀର୍ଘଦିନ ପରେ ଗୁରୁବାର ଜଟଣୀ ସହରସ୍ଥ ଗାନ୍ଧୀ ପାର୍କ ସମେତ ବିଭିନ୍ନ ପ୍ରମୋଦ ଉଦ୍ୟାନ ଖୋଲିଛି। ଏଥିଯୋଗୁ ସମସ୍ତଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ପ୍ରଥମ ଦିନରେ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପାର୍କରେ ବୁଲି ମଜା ନେଇଛନ୍ତି। କେହି ବ୍ୟାୟାମ କରିଥିଲେ ତ ଆଉ କେହି ସାଙ୍ଗସାଥୀ ମେଳରେ ଗପସପରେ ମସଗୁଲ ଥିବା ଦେଖିବାକୁ ମିଳିଥିଲା। ପିଲାମାନେ ସବୁଠୁ ବେଶୀ ଖୁସି ଥିଲେ। ସେମାନେ ଦୋଳିରେ ଝୁଲିବା ସହ ଖେଳାଖେଳି କରିଥିଲେ। ସେହିପରି ପାର୍କ ଉପରେ ନିର୍ଭରଶୀଳ ଗୁପ୍‌ଚୁପ୍, ଆଇସକ୍ରିମ ବେପାରୀଙ୍କ ଓଠରେ ମଧ୍ୟ ହସ ପରିଲକ୍ଷିତ ହୋଇଥିଲା। ପାର୍କଗୁଡ଼ିକୁ ସଫାସୁତୁରା ଓ ସାନିଟାଇଜ କରାଯାଇଥିବାବେଳେ ମାସ୍କ ପରିଧାନ ଓ ଥର୍ମାଲ ସ୍କ୍ରିନିଂ ପରେ ଲୋକଙ୍କୁ ପାର୍କ ଭିତରକୁ ଛଡ଼ାଯାଇଥିଲା।

### ଖବରଦାତା ବିରଞ୍ଚି ମହାନ୍ତିଙ୍କ ପରଲୋକ

ଜଟଣୀ,୫।୮(ଡି.ଏନ୍.ଏ): ବରିଷ୍ଠ ସାମ୍ବାଦିକ ବିରଞ୍ଚି ମହାନ୍ତି(୭୨)ଙ୍କର ଗୁରୁବାର ରାମଚନ୍ଦ୍ରପୁର ବଜାରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ମଧୁମେହ ଓ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସେ ବିଭିନ୍ନ ଖବରକାଗଜରେ କାର୍ଯ୍ୟ କରିଥିବାବେଳେ ଅନେକ ସାହିତ୍ୟ, ସାଂସ୍କୃତିକ ଓ କ୍ରୀଡ଼ା ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସତୁରି ଦଶକରେ ସେ ବର୍ତ୍ତମାନର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସହ ମିଶି ଜଟଣୀ ଆଞ୍ଚଳିକ ଯୁବ ପରିଷଦ ଗଠନ କରିଥିଲେ। ଜଟଣୀ ଯୁବ କଂଗ୍ରେସର ସଭାପତି ମଧ୍ୟ ରହିଥିଲେ। ତାଙ୍କ ବିୟୋଗରେ ବିଧାୟକ ସୁରେଶ ରାଉତରାୟ ଓ ଖୋର୍ଦ୍ଧା ଜିଲା ବିଜେଡି ଉପଦେଷ୍ଟା ସନ୍ତୋଷ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ବିଶ୍ୱନାଥ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ପାଇକ ସଂଗ୍ରହାଳୟ ଏବେ ଭୂତକୋଠି

ଖୋର୍ଦ୍ଧା ଅଫିସ,୫।୮





**ନିର୍ମାଣ ପରଠୁ ତାଲା ଝୁଲୁଛି**
- ଅନାବନା ଗଛଲତା ମାଡ଼ିଗଲାଣି
- ପରିତ୍ୟକ୍ତ ଅବସ୍ଥାରେ ଶହୀଦ ସ୍ତମ୍ଭ

ଗୋଟିଏ ଜାତି ତା'ର ବୀରତ୍ୱ, କଳା, ସଂସ୍କୃତି, ଭାସ୍କର୍ଯ୍ୟକୁ ନେଇ ପରିଚୟ ବହନ କରେ। ସଂସ୍କୃତି ଓ ପରମ୍ପରା ବିଲୁପ୍ତ ହେଲେ ସେହି ଜାତିର ସମୃଦ୍ଧି ନଷ୍ଟ ହେବା ସହ ଅଧଃପତନ ଘଟିଥାଏ ବୋଲି କୁହାଯାଏ। ଯେଉଁ ପାଇକ ପୁଅ ଦିନେ ଇଂରେଜଙ୍କୁ ଧୂଳି ଚଟାଇଥିଲେ ସେହି ବୀର ସନ୍ତାନଙ୍କ କୀର୍ତ୍ତି ଓ କାହାଣୀ ଆଜି କେବଳ ଇତିହାସ ପୃଷ୍ଠାରେ ରହିଯାଇଛି। ଦେଶ ସ୍ୱାଧୀନ ହେବା ପରେ ଖୋର୍ଦ୍ଧା ପାଇକ ବୀରଙ୍କ ବୀରତ୍ୱ କାହାଣୀ ଓ ସ୍ମୃତିକୁ ସାଉଁଟିବା ସକାଶେ ରାଜ୍ୟ ସରକାର ଖୋର୍ଦ୍ଧାରେ ଏକ ପାଇକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଏହି କୋଠା ଏବେ ଏକପ୍ରକାର ଭୂତକୋଠି ପାଲଟିଛି। କୋଠା ଚାରିପଟେ ଅନାବନା ଗଛଲତା ମାଡ଼ିଗଲାଣି। ଇଂରେଜଙ୍କ ସହିତ ଲଢେଇ କରି ପ୍ରାଣବଳି ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା, ସେମାନଙ୍କ ତୈଳଚିତ୍ର, ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ଖଣ୍ଡା, ବର୍ଚ୍ଛା, ଢାଲ ସମେତ ପ୍ରାଚୀନ କୀର୍ତ୍ତିରାଜି ପ୍ରଭୃତି ଏହି ସଂଗ୍ରହାଳୟରେ ସ୍ଥାନ ପାଇବ ବୋଲି ସ୍ଥିର ହୋଇଥିଲା। ଆଗାମୀ ପିଢ଼ିଙ୍କୁ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ତଥା ଏହି ଜାତିର ଗୌରବକୁ ସମାଜରେ ପ୍ରତିଷ୍ଠିତ କରାଇବା ପାଇକ ସଂଗ୍ରାହଳୟର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତେବେ ସେହି ମହତ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ସାକାର ହୋଇପାରିନାହିଁ।

ଖୋର୍ଦ୍ଧ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରେ ସଂଗ୍ରହାଳୟ କୋଠା ରହିଛି। ୨୦୧୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ସଂଗ୍ରହାଳୟ ନିର୍ମାଣ କରାଯାଇଥିଲା। ତେବେ କୌଣସି କାରଣରୁ ଏହି ସଂଗ୍ରହାଳୟ ଏପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିନାହିଁ। କୋଠାରେ ତାଲା ଝୁଲୁଛି। ରକ୍ଷଣାବେକ୍ଷଣ ଅଭାବରୁ ଏହାର ଛାତ, କାନ୍ଥ ଫାଟିଥିବାବେଳେ ଝରକା କାଚ ଭାଙ୍ଗିଗଲାଣି। ଲୁହାଫାଟକରେ କଳଙ୍କି ଧରିଲାଣି। କୋଠା ଓ ଶହୀଦ ସ୍ତମ୍ଭ ଚାରିପଟେ ଅନାବନା ଗଛଲତା ମାଡ଼ିଗଲାଣି। ଏଠାରେ ସରୀସୃପ ରହୁଥିବାବେଳେ ଫନୀ ବାତ୍ୟାରେ କୋଠା ନଷ୍ଟ ହୋଇଯାଇଛି। ଦେଶ ମାତୃକା ଲାଗି ପ୍ରାଣବଳି ଦେଇଥିବା ବୀର ପୁରୁଷଙ୍କ ନାଫଳକ ଶହୀଦ ସ୍ତମ୍ଭରେ ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତାହା ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ।

ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଛନ୍ତି, ଭାରତୀୟ ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ପାଇକ ବିଦ୍ରୋହକୁ ସ୍ୱାଧିନୋତ୍ତର ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ମାନ୍ୟତା ମିଳିଛି। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, ମାଧବ ଚନ୍ଦ୍ର ରାଉତରାୟ, କୃତ୍ତିବାସ ପାଟଶାଣୀ ପ୍ରମୁଖଙ୍କ ଅବଦାନ ଚିର ସ୍ମରଣୀୟ। ଯେଉଁ ପାଇକଙ୍କ ବୀରତ୍ୱ ଆଗରେ ବ୍ରିଟିଶ ସରକାର ମଥା ନୁଆଁଇଥିଲେ, ସେହି ଲାଲମାଟିର ଗଡ଼ ଖୋର୍ଦ୍ଧା ଆଜି ଅବହେଳିତ। ସେହିପରି ନ୍ୟୁ ଥିଙ୍କିଙ୍ଗ ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟି କହିଛନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ସ୍ମାରକୀ ଲାଗି ଆବଶ୍ୟକ ଜମି ଜବରଦଖଲରେ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ଜବରଦଖଲ ଉଚ୍ଛେଦ କରାଯାଇନାହିଁ। ଏପର୍ଯ୍ୟନ୍ତ ପ୍ରସ୍ତାବିତ ସ୍ଥାନରେ ଇଟା ଖଣ୍ଡେ ପଡ଼ିନାହିଁ। ସେହିପରି ବରୁଣେଇ ପାଦଦେଶରେ ରହିଥିବା ଆଉ ଏକ ଶହୀଦ ସ୍ତମ୍ଭ ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାକୁ ପୁନରୁଦ୍ଧାର କରାଯାଉନାହିଁ। ଅନ୍ୟପକ୍ଷରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, ଏହି ସଂଗ୍ରହାଳୟର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯିବ।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ବାଣପୁର,୫।୮(ଡି.ଏନ୍.ଏ.)

ବାଣପୁର ଥାନା ବଡ଼ସିରେଇପୁର ଗାଁ ଶିବ ମନ୍ଦିର ନିକଟ ରାସ୍ତାକଡରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ସନ୍ତୋଷ ମହାରଣା। ତେବେ ତାଙ୍କ ଦେହରେ କ୍ଷତାକ୍ତ ଥିବାରୁ ହତ୍ୟା ସନ୍ଦେହ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସନ୍ତୋଷ ଗଞ୍ଜାମ ଜିଲା ଛତ୍ରପୁର କଲେଜରେ ଯୁକ୍ତ ୩ ପାଠ ପଢୁଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଗ୍ରାମରେ ଥିବା ଶିବ ମନ୍ଦିର ନିକଟରେ ସନ୍ତୋଷ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ଗ୍ରାମବାସୀ ଦେଖି ତାଙ୍କ ପରିବାରଙ୍କୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚିବାବେଳେ ସନ୍ତୋଷଙ୍କ ଶରୀରରୁ ରକ୍ତସ୍ରାବ ହେଉଥିବାରୁ ତାଙ୍କୁ ବାଣପୁର ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମରେ ସନ୍ତୋଷଙ୍କ ମୃତ୍ୟୁ ଖବର ଶୁଣି ଗ୍ରାମବାସୀ ଉତ୍ତ୍ୟକ୍ତ ହେବା ସହ ଡାକ୍ତରଖାନା ସମ୍ମୁଖରେ ଏକତ୍ରିତ ହେବାରୁ ଉତ୍ତେଜନା ଦେଖାଦେଇଛି। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣାଧିନ ପାଇଁ ଉଦ୍ୟମ ଚଳାଇଥିବା ବେଳେ ଅନ୍ୟ ଏକ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବିପଦସଙ୍କୁଳ କୋଠାରେ ୨ ସମବାୟ ବ୍ୟାଙ୍କ

ଖୋର୍ଦ୍ଧା ଅଫିସ,୫।୮




କୃଷି ଓ ଚାଷୀଙ୍କ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଋଣ ଓ ସବ୍‌ସିଡି ଯୋଗାଇଦେବାକୁ ବିଭିନ୍ନ ଜିଲାରେ ସମବାୟ ବ୍ୟାଙ୍କ ରହିଛି। ତେବେ କେତେକ ସମବାୟ ବ୍ୟାଙ୍କ ବିପଦସଙ୍କୁଳ କୋଠାରେ ଚାଲିଛି। ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବାଲୁଗାଁ ଶାଖାର କୋଠା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି କୋଠାର ଛାତ ଓ କାନ୍ଥ ଫାଟି ଗଲାଣି। ବିଭିନ୍ନ ସ୍ଥାନରେ ପଲସ୍ତରା ଖସି ଲୁହାଛଡ଼ ଦେଖା ଗଲାଣି। କେତେବେଳେ ଅଘଟଣ ଯେ ନ ଘଟିବ କିଛି କହି ହେବନି। ବାଲୁଗାଁ ଶାଖା ଉପରେ ଚିଲିକା ଓ ବାଣପୁର ବ୍ଲକର ଶତାଧିକ ଚାଷୀ ନିର୍ଭର କରୁଛନ୍ତି। ପ୍ରତିଦିନ ଲୋକେ ଏଠାକୁ ସେମାନଙ୍କ କାମରେ ଆସୁଛନ୍ତି। ତେବେ ବ୍ୟାଙ୍କ ଛାତରୁ ପଲସ୍ତରା ଖସି କ୍ରଂକିଟ ଖଣ୍ଡ ଝୁଲି ରହିଛି। ଯେ କୌଣସି ସମୟରେ ଏହା ଖସିପଡ଼ିବାର ଆଶଙ୍କା ରହିଛି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ବେଳେ କାନ୍ଥ ସନ୍ତସନ୍ତିଆ ଯୋଗୁ କାର୍ଯ୍ୟ କରିବରେ କର୍ମଚାରୀମାନେ ହଇରାଣ ହେଉଛନ୍ତି। ସେହିପରି ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମସ୍ଥିତ ସେବା ସମବାୟ ସମିତି କାର୍ଯ୍ୟାଳୟ ବିପଦସଙ୍କୁଳ କୋଠାରେ ଚାଲିଛି। ଦୀର୍ଘ ଦିନ ହେବ ଏହି କୋଠା ମରାମତି କରାଯାଇନାହିଁ। ଛାତ ଦୁର୍ବଳ ହୋଇପଡ଼ିଛି। ବର୍ଷା ହେଲେ ପାଣି ଗଳୁଛି। ଫଳରେ କାର୍ଯ୍ୟାଳୟର କାଗଜପତ୍ର ଓ ଉପକରଣ ଓଦା ହୋଇ ନଷ୍ଟ ହେବାକୁ ବସିଲାଣି। ଏ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।



ପୁରୀ ସିଂହଦ୍ୱାର ସମ୍ମୁଖରେ ଥିବା ଅସୁରକ୍ଷିତ ପଠାଘର ଛାତରୁ ସ୍ଲାବ୍ ଖସିଛି।

## ବାଇକ୍- ଅଟୋ ମୁହାଁମୁହିଁ ଧକ୍କା, ୨ ଗୁରୁତର

ବାଣପୁର,୫।୮(ଡି.ଏନ୍.ଏ.)

ବାଣପୁର ଥାନା ସାନ ଶିରେଇପୁର ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍- ଅଟୋ ମୁହାଁମୁହିଁ ଧକ୍କା ହେବାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ବୁଗୁଡା ଥାନା କିରିଆମ୍ବ ଗ୍ରାମର ପଦ୍ମନାଭ ନାୟକ ଓ ବିଷ୍ଣୁ ନାୟକ ଏକ ବାଇକ୍ ଯୋଗେ ବାଲୁଗାଁ ଯାଉଥିଲେ। ଅପର ପାର୍ଶ୍ୱରୁ ରାଇପଡା ଗ୍ରାମର ୭ରୁ ୮ ଜଣ ଶ୍ରମିକ ଏକ ଡାଲା ଅଟୋରେ ଗ୍ରାମକୁ ଫେରୁଥିଲେ। ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୨ ବାଇକ୍ ଆରୋହୀ ଗୁରୁତର ହୋଇ ରାସ୍ତାରେ ପଡିଯାଇଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବାଣପୁର ପୋଲିସ ଗାଡି ଦୁଇଟି ଜବତ କରି ତଦନ୍ତ ଚଳାଇଛି। ତେବେ ଉଭୟଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ସ୍ୱଚ୍ଛ ପାଣି ପାଇଁ ଚିନ୍ତାରେ ଲୋକେ

ଜଟଣୀ, ୫।୮(ଡି.ଏନ୍.ଏ)

**ପାଇପ୍ ଲିକ୍ ହୋଇ ମିଶୁଛି ମଇଳା**



ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଯୋଜନା କରିଛନ୍ତି। ଏ ବାବଦରେ ବିପୁଳ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। ତେବେ ଯୋଜନାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଟଣୀ ପୌରାଞ୍ଚଳବାସୀଙ୍କୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ସ୍ୱଚ୍ଛ ପାଣି ଯୋଗାଣ ଲାଗି ପାଇପ୍ ବିଛାଯାଇ ପ୍ରତି ଘରକୁ ସଂଯୋଗ ଦିଆଯାଇଛି। ତେବେ ଅନେକ ସ୍ଥାନରେ ପାଇପ ଲିକ୍ ହୋଇ ରାସ୍ତାରେ ପାଣି ବୋହିଯାଉଥିବା ଦେଖିବାକୁ ମିଳିଛି। ପାଇପ୍ ଲିକ୍ ସ୍ଥାନରେ ମଇଳା ମିଶୁଛି। ଫଳରେ ପାଇପ୍ ପାଣି ଦୂଷିତ ହେଉଛି। ଅନେକ ସ୍ଥାନରେ ପାଇପ୍ ଚାବିସ୍ଥଳ ମୁକୁଳା ପଡ଼ିରହୁଛି। ଜଟଣୀ ପୌରାଞ୍ଚଳର ୧୦ ନମ୍ବର ୱାର୍ଡ ଅଧୀନ ବିକାଶ ନଗରର ଶ୍ରୀଧର ଦାସଙ୍କ ଘର ପାଖରେ ଥିବା ପାଇପ୍ ଚାବି ସ୍ଥାନରେ ସ୍ଲାବ କିମ୍ବା ଘୋଡ଼ଣି ନାହିଁ। ଫଳରେ ଅଳିଆ ଆବର୍ଜନା ପଡ଼ି ସେହି ସ୍ଥାନ ଅପରିଷ୍କାର ହେଉଛି। ବର୍ଷାପାଣି ମଧ୍ୟ ଜମି ରହୁଛି। ଏଥିଯୋଗୁ ଲୋକେ ବିଶୁଦ୍ଧ ଜଳ ପାଇବା ନେଇ ସନ୍ଦେହ ପ୍ରକାଶ ପାଉଛି। ଏବେ ବର୍ଷା ଋତୁ ହୋଇଥିବାରୁ ଡେଙ୍ଗୁ, ମ୍ୟାଲେରିଆ ଭୟ ଜଟଣୀବାସୀଙ୍କୁ ଘାରିଥିବା ବେଳେ ଏଭଳି ଜଳ ସମସ୍ୟା ଯୋଗୁ ଡାଇରିଆ ଓ ଜଣ୍ଡିସ୍ ବ୍ୟାପିବା ଆଶଙ୍କା ଦେଖାଦେଲାଣି। ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସାପ କାମୁଡ଼ାରେ ମହିଳା ମୃତ

ଯାଁଳା,୫।୮(ଡି.ଏନ୍.ଏ.)

ଜଟଣୀ ବ୍ଲକ ଯାଁଳା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମରେ ବୁଧବାର ରାତିରେ ଏକ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଟିକନ ଭଟ୍ଟ (୫୫)। ବୁଧବାର ରାତି ପ୍ରାୟ ୮ଟାରେ ଟିକନ ନିଜ ଘର ଖାଡୁମାରି ବାରିପଟେ ଅଳିଆ ପକାଇବାକୁ ଯାଇଥିଲେ। ଅଳିଆ ପକାଇ ଫେରିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସାପ କାମୁଡିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱରର ଏମ୍ସ ଡାକ୍ତରଖାନା ନିଆଯାଇଥିଲା। ହସ୍ପିଟାଲରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ବୋଲି ପରିବାର ଲୋକ କହିଛନ୍ତି। ପରେ ହସ୍ପିଟାଲ ଡାକ୍ତର ମଧ୍ୟ ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ ସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର

ଖୋର୍ଦ୍ଧା ଅଫିସ,୫।୮

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପ୍ରକଳ୍ପ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ସିଡିଏମ୍‌ଓ ବିଶ୍ୱରଞ୍ଜନ ପତିଙ୍କୁ ଦାବିପତ୍ର ପ୍ରଦାନ କରଯାଇଛି। ଅଖିଳ ଭାରତୀୟ ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ କଲ୍ୟାଣ ସଂଘ ଆହ୍ୱାନକ୍ରମେ ବର୍ତ୍ତମାନ ରାଜ୍ୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଛନ୍ତି। କଳାବ୍ୟାଜ ପରିଧାନ କରି ରୋଗୀଙ୍କୁ ସେବା ଦେଇ ଆସୁଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୨୦୧୭ରୁ ସମିତି ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରି ଆସୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଦରମା ବୃଦ୍ଧିକୁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିବାଦରେ ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ। ଦାବି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।



ବିଭିନ୍ନ ଦାବି ନେଇ ଏଡ୍‌ସ ନିୟନ୍ତ୍ରଣ ସଂଘ ପକ୍ଷରୁ ସିଡ଼ିଏମ୍‌ଓ ବିଶ୍ୱରଞ୍ଜନ ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମଦ ଦୋକାନ ଖୋଲାକୁ ଗ୍ରାମବାସୀଙ୍କ ବିରୋଧ

ଟାଙ୍ଗୀ(ଖୋର୍ଦ୍ଧା),୫।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଅଞ୍ଚଳର ରତନପୁର ଗ୍ରାମରେ ଏକ ସରକାରୀ ମଦ ଦୋକାନ ଖୋଲିବା ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ ଗୁରୁବାର ଏକ ଶୋଭାଯାତ୍ରାରେ ଆସି ଟାଙ୍ଗୀ ତହସିଲଦାର, ଅବକାରୀ ବିଭାଗ, ଥାନା ଓ ବିଭାଗୀୟ ଅଧିକାରୀମାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ ପ୍ରସ୍ତାବ ଅନୁସାରେ ଯେଉଁ ସ୍ଥାନରେ ଏହି ମଦ ଦୋକାନ ଖୋଲା ଯାଉଛି, ତାହାର ଚତୁଃପାର୍ଶ୍ୱରେ ବିଭିନ୍ନ ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ଓ ଜନବସତି ରହିଛି। ତେଣୁ ମଦ୍ୟପଙ୍କର ଉତ୍ପାତ ଯୋଗୁ ବିଶୃଙ୍ଖଳା ପରିସ୍ଥିତି ଉପୁଜିବ। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ମଦ ଦୋକାନ ନ କରିବାକୁ ଦାବି କରିଛନ୍ତି।

# କାଜୁ ଜଙ୍ଗଲ ନଷ୍ଟ ନେଇ ଥାନାରେ ଏତଲା

ଜଟଣୀ,୫।୮(ଡି.ଏନ୍.ଏ)



କାଜୁ ଜଙ୍ଗଲ ରାସ୍ତାରେ ଲାଗିଥିବା ତାର ବାଡ଼କୁ ଭଙ୍ଗାଯାଇଛି।

ଜଟଣୀ ବ୍ଲକର ଛଣଘର କୁଶମାଟି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରକଳ୍ପ ମାଧ୍ୟମରେ ନୂତନ କାଜୁ ଜଙ୍ଗଲ ସୃଷ୍ଟି ଉଦ୍ଦେଶ୍ୟରେ ଚାରା ରୋପଣ କରାଯିବା ସହ ଖୁଣ୍ଟ ପୋତାଯାଇ ତାର ବାଡ଼ ଘେରାଯାଇଥିଲା। ତେବେ ବିରୋଧୀ ଗୋଷ୍ଠୀ ଏହି ଗଛ ଉପାଡ଼ି ଦେବା ସହ ତାରବାଡ଼ ଖୁଣ୍ଟ ଭାଙ୍ଗିଦେଇଥିବା ଗୁରୁବାର ସରପଞ୍ଚ ସୁନିଲ କୁମାର ରାଉତରାୟ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଛଣଘର ତତ୍ତ୍ୱାବଧାନରେ ୨୦୨୦ ଜୁଲାଇ ୭ରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଦ୍ୱାରା କାଜୁ ଜଙ୍ଗଲ ମେଗା ପ୍ରୋଜେକ୍ଟ ଉଦ୍‌ଘାଟିତ ହୋଇଥିଲା। ତେବେ ସେତେବେଳେ କେତେଜଣ ଜବରଦଖଲକାରୀ ଓ ଜମି ମାଫିଆ ଏହି ଜଙ୍ଗଲ ସୃଷ୍ଟିକୁ ବିରୋଧ କରିଥିଲେ। ସେମାନେ ଏହି ପ୍ରକଳ୍ପକୁ ନଷ୍ଟ କରିବା ଲାଗି ଏପର୍ଯ୍ୟନ୍ତ ଚକ୍ରାନ୍ତ ଚଳାଇଛନ୍ତି ବୋଲି ସରପଞ୍ଚ ରାଉତରାୟ ଅଭିଯୋଗ କରିଛନ୍ତି। ସରକାରଙ୍କ ସହାୟତାରେ ଛଣଘର କୁଶମାଟି ଗ୍ରାମରେ ୫୦ ଏକର ଜମିରେ କାଜୁ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଉକ୍ତ କାଜୁ ଜଙ୍ଗଲରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ କାଜୁ ଗଛ ଉପାଡ଼ିନେବା ସହ ପ୍ରାୟ ୬୦ଟି ସିମେଣ୍ଟ ଖୁଣ୍ଟ ଭାଙ୍ଗିଦେଇଛନ୍ତି। ଏହା ପୂର୍ବରୁ ୨୦୧୯ରେ ଉକ୍ତ ପଞ୍ଚାୟତର ପୋଖରୀ ହୁଡ଼ା ଓ ମୁଖ୍ୟରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ନଡ଼ିଆ ଚାରା ସହିତ ଅନ୍ୟ କିଛି ଚାରାକୁ ଉପାଡ଼ି ଦେଇଥିଲେ। ଏ ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା।

# ୯ରୁ ଖୋଲିବ ଧାର୍ମିକ ଅନୁଷ୍ଠାନ

ଖୋର୍ଦ୍ଧା ଅଫିସ,୫।୮

**ସକାଳ ୬ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଦର୍ଶନ**
- ଥର୍ମାଲ ସ୍କ୍ରିନିଂ, ମାସ୍କ ବାଧ୍ୟତାମୂଳକ
- ମନ୍ଦିରରେ ଭୋଗ, ପ୍ରସାଦ ସେବନ ମନା
- ଶିଶୁ ଓ ୬୫ବର୍ଷରୁ ଉର୍ଦ୍ଧ୍ୱଙ୍କ ଉପରେ କଟକଣା

ଆସନ୍ତା ୯ତାରିଖରୁ ଖୋର୍ଦ୍ଧା ଜିଲାରେ (ବିଏମ୍‌ସିକୁ ବାଦ୍ ଦେଇ) ସମସ୍ତ ଧାର୍ମିକ ଅନୁଷ୍ଠାନ, ମଠ, ମନ୍ଦିର ଖୋଲିବ। କୋଭିଡ୍ କଟକଣା କୋହଳ ପରେ ଦୀର୍ଘ ୩ମାସର ପ୍ରତୀକ୍ଷାର ଅନ୍ତ ଘଟିଛି। ଭକ୍ତଙ୍କ ମନ୍ଦିର ପ୍ରବେଶ ଉପରୁ କଟକଣା ହଟିଛି। ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ଏ ସଂକ୍ରାନ୍ତ ବୈଠକରେ ଧାର୍ମିକ ଅନୁଷ୍ଠାନ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସପଟ୍ଟନାୟକ, ଉପଜିଲାପାଳ ଆଇ.ଗୌରବ ଶିବାଜୀ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ ନିୟମ ପାଳନ ସହ ମଠ, ମନ୍ଦିର, ଧାର୍ମିକ ଅନୁଷ୍ଠାନ ଖୋଲାରହିବ। ଭକ୍ତମାନେ ସକାଳ ୬ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ କରିବାର ସୁଯୋଗ ପାଇବେ। ବିଧି ପରମ୍ପରା ଅନୁଯାୟୀ ନୀତିକାନ୍ତି ଚାଲିବ। କୌଣସି ଭକ୍ତ ମନ୍ଦିରକୁ ଭୋଗ ନେଇ ଯାଇପାରିବେ ନାହିଁ କି ମନ୍ଦିର ପରିସରରେ ପ୍ରସାଦ ସେବନ କରିପାରିବେ ନାହିଁ। ପରିସରକୁ ବିଶୋଧନ କରାଯିବ। ପ୍ରବେଶ ପଥରେ ଭକ୍ତଙ୍କ ଥର୍ମାଲ ସ୍କ୍ରିନିଂ ହେବ। ମାସ୍କ ଏବଂ ସାମାଜିକ ଦୂରତା ବାଧ୍ୟତାମୂଳକ କରାଯାଇଛି। ଶିଶୁ ଓ ୬୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। କୋଭିଡ୍ ନିୟମ ପାଳନକୁ ମନ୍ଦିର ପରିଚାଳନା କମିଟି ତଦାରଖ କରିବେ। ଭିଡ଼ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ।

ଏହି ବୈଠକରେ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ, ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ବାଲୁଗାଁ ଏସ୍‌ଡିପିଓ ମାନସ ବାରିକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ବାଣପୁର ଭଗବତୀ ମନ୍ଦିର, ଭୁଷଣ୍ଡପୁର ଉଗ୍ରତାରା, ଗୁରୁଜଙ୍ଗ ଧବଳେଶ୍ୱର ପୀଠ, ଜାଗୁଳିପାଟଣା ଜଗନ୍ନାଥ ମନ୍ଦିର, ବରୁଣେଇ ପୀଠ, କାଇପଦର ପୀରବାବା ପୀଠ, କେରଙ୍ଗ ମସଜିଦ୍, ବାପିଷ୍ଟ ଚର୍ଚ୍ଚ ପ୍ରଭୃତିର ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ।